ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.206 Bhubaneswar Saturday, October 02, 2021 ୨୪ତମ ବର୍ଷ ସଂଖ୍ୟା-୨୦୬ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୦୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# Kalinga Institute of Industrial Technology (KIIT)

## Deemed to be University (Declared U/S 3 of UGC Act, 1956)

Bhubaneswar, Odisha, India | Website: www.kiit.ac.in | Email: kiit@kiit.ac.in

## Slow and steady wins the race...

On the eve of 25 Years Celebration

**1997 – 2022 Silver Jubilee**

Glorious 25 Years as an Institution — 25 — Silver Jubilee Celebrations

## Academic Excellence

As KIIT is on the verge of the significant milestone of completing 25 years (1997 - 2022), it has become a trusted destination for professional education for students from all parts of India and over 64 countries. It has been consistently achieving academic accolades transforming itself into a world-class knowledge hub.

From **4** programmes to **400** programmes

From **400** Alumni to **1,00,000** Alumni

Solar-enabled Green Campus

Footprints in **64** countries

Continuous learning....

**2021**

- Ranked 801-1000 by Times Higher Education World University Rankings 2022
- Ranked No. 1 Deemed University in Odisha and Eastern India
- Ranked 201-300 by Times Higher Education Impact Rankings 2021
- Rated 5 Star institution by the QS Stars Rating System
- Ranked 21st among all Government and private Universities & among Top 10 Law Schools in India (NIRF India Rankings)
- Ranked 251-300 in the Emerging Economies University Rankings by Times Higher Education

**2020**

- Winner of Times Higher Education Awards Asia 2020 in the category 'Workplace of the Year'
- Ranked 501-600 in Computer Sciences, 601-800 in Engineering & Technology and 1000+ overall in the Times Higher Education World University Rankings
- India's Top Private University in Innovation (ARIIA Rankings, Govt. of India)
- Ranked 24th among all Government and private Universities in India (NIRF India Rankings)
- Ranked 301-350 in the Emerging Economies University Rankings by Times Higher Education
- Utkrisht Sansthan Vishwakarma Award–2020 by All India Council for Technical Education (AICTE)
- Quality Council of India - DL Shah Quality Silver Award
- KIIT-Technology Business Incubator (TBI) granted 'Centre of Excellence' by Department of Science and Technology , Govt. of India
- Times B-School Survey 2020: KIIT School of Management Ranked 2nd in BBA

**2019**

- 'Institution of Eminence' tag by Govt. of India
- Ranked 31st among all Government and private Universities in India (NIRF India Rankings)
- Ranked 301+ in Times Higher Education Young University Rankings
- Ranked 2nd in Innovation among Private Universities (ARIIA Rankings, Govt. of India)
- Internationalization Strategies Advisory Service (ISAS) Badge from the International Association of Universities (IAU)
- KIIT-Technology Business Incubator (TBI) Ranked No. 1 Bioincubator in private sector by BioSpectrum

**2018**

- Odisha's first self-financing university to enter QS BRICS University Rankings
- Legal Education Innovation Award to KIIT Law School by Society of Indian Law Firms (SILF) and Menon Institute of Legal Advocacy and Training (MILAT)
- Ranked 42nd among all Government and private Universities in India (NIRF India Rankings)

**2017**

- Ranked 49th among all Government and private Universities in India (NIRF India Rankings)
- National Award for KIIT-Technology Business Incubator (TBI) from Department of Science and Technology (DST), Govt. of India
- IET, UK Accreditation

**2016**

- Ranked 52nd among all Government and private Universities in India (NIRF India Rankings)

**2014**

- 'Category A' Status by Ministry of Human Resource Development, Govt. of India
- Tier 1 Accreditation (Washington Accord) by National Board of Accreditation (NBA), AICTE

**2012**

- Hosted 99th Indian Science Congress

**2008**

- More Schools set up –School of Fashion Technology, School of Film & TV Production, School of Mass Communication

**2007**

- New Schools set up – Kalinga Institute of Medical Sciences (KIMS),
- Kalinga Institute of Dental Sciences (KIDS),
- Kalinga Institute of Nursing Sciences (KINS),
- School of Rural Management (KSRM),
- School of Biotechnology (KSBT),
- KIIT Law School (KLS),
- KiiT International School (Among the best public schools in the country, offering CBSE as National and IBDP & IGCSE as International curriculum)

**2006**

- Reaccredited in 'A Grade' by National Assessment and Accreditation Council (NAAC), UGC

**2004**

- Declared Deemed University by Ministry of Human Resource Development, Govt. of India (Youngest Deemed University in the country - Limca Book of Records)

**2002**

- Accredited by National Assessment and Accreditation Council (NAAC), UGC
- Accredited by National Board of Accreditation (NBA), AICTE

**1997**

- Took shape as an Institution of Higher Learning Engg., MBA & MCA Programmes started

## Academic Conferences

**KIIT has been organizing academic conferences of national and international significance since its inception. It has also organized a few prestigious international conferences.**

**-99th Indian Science Congress (2012)**
**-All-India Seminar on Global Legal Education (2015)**
**-69th All India Commerce Conference (2019)**
**-92nd Indian Economic Association (IEA) Conference (2010)**
**-World Congress of Poets (2019)**
***and many more***

## Unmatched Exposure

**Under Nobel Lecture Series, 22 Nobel Laureates have delivered lectures at KIIT.**

**KIIT has produced three Olympians (Tokyo Olympics 2020) and hundreds of international level sports talents.**

**Taking advantage of KIIT's academic collaborations, a large number of students take admission in top universities of the world every year.**

**Besides top-notch campus placement, KIIT students have a very successful track record in prestigious exams like IAS, Indian Engineering Services (IES), Odisha Judicial Services (OJS), GATE, etc.**

**Fully wi-fi, fully air-conditioned & fully residential campus**

## Global Recognition

KIIT has entered into academic tie-ups with 195 international universities and institutions to enrich the student experience, facilitate faculty growth and contributions, and enhance the impact of research. It is also a member of prominent national and international university networks such as:

International Association of Universities (IAU) | Association of Indian Universities (AIU) | Association of Commonwealth Universities (ACU) | University Mobility of Asia and the Pacific (UMAP) | International Association of University Presidents (IAUP) | Association of Universities of Asia and the Pacific (AUAP) | International Institute of Education (IIE), New York | United Nations Academic Impact (UNAI) | Eurasian Silk Road Universities Consortium (ESRUC)

## Campus Placement

Placement is one of the key advantages that KIIT offers. KIIT has been maintaining a very successful track record in campus placement since inception. Despite the prevailing pandemic situation, placement of 2020 and 2021 batches has been excellent. In the ongoing campus placement drive for 2022 batch students, 1500 students have already bagged jobs on 'Day Zero'. The highest salary is Rs. 40 lakh p.a., while the average salary is Rs. 7 lakh.

University of Compassion & Humanity

Multi-cultural University

Student-friendly Campus

Multi-disciplinary University

Best Practices & Innovation

Best in Digital Teaching-Learning

Community-based University

Fulfilling Sustainable Development Goals (SDGs)

## 25 years as an institution, 18 years as a university

**KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus any where else in the country and globe.**

**https://twitter.com/KIITUniversity https://www.facebook.com/KIITUniversity https://www.instagram.com/KIITUniversity**








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟିହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୦୨

# ବରିଷ୍ଠ ନାଗରିକଙ୍କ କଷ୍ଟ ଲାଘବର ସୂତ୍ର



ପ୍ରତ୍ୟେକ ମନୁଷ୍ୟ ତାର ଜୀବଦଶା ମଧ୍ୟରେ ଶୈଶବ, କୈଶୋର, ଯୌବନ, ପ୍ରୌଢ଼ ଏବଂ ବୃଦ୍ଧାବସ୍ଥା ଦେଇ ଗତି କରିଥାଏ। ସମସ୍ତ ଅବସ୍ଥା ର ଅନୁଭବ,ଅଭିଜ୍ଞତା ଓ ଚଳଣି ପ୍ରାକୃତିକ ନିୟମ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ସମସ୍ତଙ୍କ କ୍ଷେତ୍ରରେ ଜୀବନର ଶେଷ ଅବସ୍ଥା ବା ବାର୍ଦ୍ଧକ୍ୟ ଅବସ୍ଥା କ୍ଲାନ୍ତ, ଦୁର୍ବିସହ ଓ ଅରୁଚିକର ପ୍ରତୀୟମାନ ହୁଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଯେଉଁ ଯେଉଁ କାରଣରୁ ବୃଦ୍ଧାବସ୍ଥାରେ ଜୀବନ ପ୍ରତି ବିତୃଷ୍ଣା ଆସିଥାଏ, ସେଥିମଧ୍ୟରୁ କେତେକ ପ୍ରାକୃତିକ ଏବଂ ସାମାଜିକ କାରଣ ପ୍ରଣିଧାନଯୋଗ୍ୟ। ବାର୍ଦ୍ଧକ୍ୟର ପ୍ରାକୃତିକ ସମସ୍ୟା ଚିରାଚରିତ,ଏହାକୁ କୌଣସି ପ୍ରକାରେ ଟାଳି ହେବ ନାହିଁ। କିନ୍ତୁ ସାମାଜିକ ସମସ୍ୟା ସ୍ଥଳ ବିଶେଷରେ ବିଭିନ୍ନ ପ୍ରକାର ହୋଇଥାଏ। (୧) ପ୍ରାକୃତିକ କାରଣ ମଧ୍ୟରୁ ପ୍ରଥମ ହେଲା ଶାରୀରିକ ଅସୁସ୍ଥତା। ବୃଦ୍ଧାବସ୍ଥାରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ହେବାରୁ, ମନୁଷ୍ୟ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଉପଯୁକ୍ତ ଚିକିତ୍ସା ପରେ ମଧ୍ୟ ସୁସ୍ଥ ହେବା କଷ୍ଟକର ହୁଏ। (୨) ବୟସାଧିକ୍ୟ ହେତୁ ଇନ୍ଦ୍ରିୟଗୁଡ଼ିକ ଦୁର୍ବଳ ହୋଇଯାଏ। ପୂର୍ବରୁ ଆସ୍ୱାଦନ କରିଥିବା ଇନ୍ଦ୍ରିୟାନୁଭୂତିର ଆନନ୍ଦର ସ୍ମୃତି ଭୀଷଣ ମାନସିକ ଯନ୍ତ୍ରଣା ପ୍ରଦାନ କରିଥାଏ। ଯଥା କିଛି ସୁନ୍ଦର ବସ୍ତୁ ଦେଖିବାକୁ ଇଚ୍ଛା ଥିଲେ, ବହି ପଢ଼ିବାକୁ ଆଗ୍ରହ ଥିଲେ ମଧ୍ୟ ଦୃଷ୍ଟି ଶକ୍ତି ହ୍ରାସ ଯୋଗୁ ସମ୍ଭବ ହୋଇ ନଥାଏ, କାହାରି ଭଲ କଥା ଶୁଣିବାକୁ ଆଗ୍ରହ ଥିଲେ ମଧ୍ୟ ଦୁର୍ବଳ ଶ୍ରବଣ ଶକ୍ତି ବାଧକ ସାଜେ। ପ୍ରବଳ ଖାଦ୍ୟ ଆସକ୍ତି ଥାଇ ମଧ୍ୟ, ଦନ୍ତଶୂନ୍ୟ ମୁଖରେ କଠିନ ଖାଦ୍ୟ ନଖାଇ ପାରିବା, ତଥା କଷ୍ଟେମଷ୍ଟେ ଖାଇଦେଲେ ବି ଜୀର୍ଣ୍ଣ କରିବାର ଅକ୍ଷମତା, ବହୁତ ଅସୁବିଧା ସୃଷ୍ଟି କରିଥାଏ। (୩) ସବୁଠାରୁ ବଡ କଷ୍ଟ ହେଲା ନିଃସଙ୍ଗତା। ବୟସ୍କମାନେ ସବୁବେଳେ ଇଚ୍ଛା କରନ୍ତି, ମୋ ପାଖରେ କେହି ବସନ୍ତୁ, ମୋ ସାଙ୍ଗରେ ଗପନ୍ତୁ, ଯାହାକି ଅନେକ କ୍ଷେତ୍ରରେ ସମ୍ଭବ ହୋଇ ପାରିନଥାଏ। ଆଧୁନିକ ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବୟସ୍କମାନଙ୍କର ଉତ୍ତରଦାୟାଦମାନେ, ସେମାନଙ୍କ ପାଇଁ ସମୟ ଦେବାରେ ଅସମର୍ଥ ହୁଅନ୍ତି ଏବଂ ଅନେକ ଲୋକ, ବୟସ୍କମାନଙ୍କୁ ଅଦରକାରୀ ତଥା ବୋଝ ମନେକରି, ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି। (୪) ବୟସ୍କମାନେ ଚିରାଚରିତ ଅଭ୍ୟାସବଶତଃ, ତାଙ୍କର ଉତ୍ତରଦାୟାଦମାନଙ୍କୁ ଦେଉଥିବା ପରାମର୍ଶ ଓ



ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ, ଭୀଷଣ ଭାବରେ ମାନସିକ ଆଘାତ ପାଆନ୍ତି। (୫) ସାଧାରଣତଃ ବୃଦ୍ଧାବସ୍ଥାରେ ସହନଶୀଳତା ଓ ଧୈର୍ଯ୍ୟ ହ୍ରାସ ପାଉଥିବାରୁ, ସେମାନଙ୍କ ଆକାଂକ୍ଷା ପୂରଣରେ ସାମାନ୍ୟ ଅବହେଳା ବା ବିଳମ୍ବକୁ ସହ୍ୟ ନକରି ବିରକ୍ତି ପ୍ରକାଶ କରନ୍ତି, ଯଦ୍ଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହୁଏ। ପ୍ରବାଦ ଅଛି "ବାଲ ବୃଦ୍ଧ ସମାନ", ସେମାନେ ଅସହାୟ ଏବଂ ପରିବାରର ସଦସ୍ୟଙ୍କ ଯତ୍ନ ଓ ସହାୟତା ସେମାନଙ୍କ ପାଇଁ ଆବଶ୍ୟକ ହୋଇଥାଏ। କିନ୍ତୁ ଭବିଷ୍ୟତ ବଂଶଧର, ଶିଶୁର ଯତ୍ନ ନିମନ୍ତେ ଯେଉଁ ଆଗ୍ରହ ଓ ଆନ୍ତରିକତା ପରିଲକ୍ଷିତ ହୁଏ, ଅତୀତ ହେବାକୁ ଯାଉଥିବା ବଂଶଧର, ବୟସ୍କମାନଙ୍କ କ୍ଷେତ୍ରରେ ତାହା ହୁଏ ନାହିଁ। ଏହା ମଧ୍ୟ ଈଶ୍ୱରଙ୍କ ପ୍ରାକୃତିକ ମାନସିକତାର ନିୟନ୍ତ୍ରଣାଧୀନ। ତେଣୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଜୀବନରେ, ନିଶ୍ଚିତ ଘଟୁଥିବା ଉପରୋକ୍ତ ଆଲୋଚିତ ସମସ୍ୟାଗୁଡ଼ିକୁ, ସେମାନେ କିପରି ଧୈର୍ଯ୍ୟର ସହିତ ସମ୍ମୁଖୀନ ହୋଇ, ସେମାନଙ୍କର କଷ୍ଟକୁ କିୟଦଂଶରେ ଲାଘବ କରିପାରିବେ, ସେ ବିଷୟରେ କିଂଚିତ ଆଲୋକପାତ କରିବା। (୧) ସର୍ବପ୍ରଥମେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ଧୈର୍ଯ୍ୟ ଓ ସହନଶୀଳତାର ସୀମାକୁ ବୃଦ୍ଧି କରିବାକୁ ପଡ଼ିବ ଯାହା ନିଶ୍ଚିତ ଘଟିବ, ସେଥିପାଇଁ ଅତ୍ୟଧିକ ବିଚଳିତ ବା ବିବ୍ରତ ନହେବା ଉଚିତ। "ଜାତସ୍ୟ ହି ଧ୍ରୁବ ମୃତ୍ୟୁ"-ମୃତ୍ୟୁ ନିଶ୍ଚିତ ଆସିବ ଏବଂ ଥରେ ଆସିବ, ତେଣୁ ମୃତ୍ୟୁ ପୂର୍ବରୁ, ବାରମ୍ବାର ମୃତ୍ୟୁ ଭୟର ଆଶଙ୍କାରେ ବିଚଳିତ ହେବା ଅନାବଶ୍ୟକ। (୨) ଶରୀରର ସୁସ୍ଥତା ରକ୍ଷା ନିମନ୍ତେ, ସନ୍ତୁଳିତ ଆହାର ଗ୍ରହଣ ଓ ଶରୀରକୁ ସୁହାଇବା ପରି ହାଲୁକା ବ୍ୟାୟାମ ଅଭ୍ୟାସ ଜାରି ରଖିବା ଏକାନ୍ତ ଆବଶ୍ୟକ। (୩) ମାନସିକ ଶାନ୍ତି ପ୍ରାପ୍ତି ନିମନ୍ତେ, ଈଶ୍ୱରଙ୍କ ପ୍ରାର୍ଥନା, ସତସଙ୍ଗ, ଭଗବତ୍ ଚିନ୍ତନ ଓ ସର୍ବୋପରି ଛୋଟ ଛୋଟ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଉଚିତ୍। (୪) ଘରେ ବିନା କର୍ମରେ ବସି ନରହି, ସୁବିଧା ଥିଲେ, ବଗିଚାରେ ଫୁଲଗଛର ଯତ୍ନ, ଗୃହପାଳିତ ପଶୁପକ୍ଷୀମାନଙ୍କ ସହିତ ଆତ୍ମୀୟତା, ନିଜ ରୁଚି ଅନୁସାରେ ସୁମଧୁର ସଙ୍ଗୀତ ଶୁଣିବା, ଖବରକାଗଜ ପଢ଼ିବା ଏବଂ ଛୋଟ ପିଲାମାନଙ୍କ ସହିତ ସମୟ ବିତାଇବା ଦ୍ୱାରା ଭାରାକ୍ରାନ୍ତ ମନ ନିଶ୍ଚୟ ହାଲୁକା ହୋଇଯିବ। (୫) ଆଜିକାଲି ସମାଜରେ ବୟସ୍କ ବ୍ୟକ୍ତିମାନଙ୍କ ନିମନ୍ତେ, ଗଠିତ ହୋଇଥିବା "ବରିଷ୍ଠ ନାଗରିକ ସଂଘ", "ଅବସରପ୍ରାପ୍ତ କର୍ମଚାରୀ ସଂଘ" ଭଳି ଅନୁଷ୍ଠାନମାନଙ୍କରେ ସଦସ୍ୟତା ଗ୍ରହଣ କରି, ସମବୟସ୍କ ଓ ସମମନୋଭାବାପନ୍ନ ବ୍ୟକ୍ତିମାନଙ୍କ ସହିତ ଭାବବିନିମୟ କରିବାରେ ସମୟ ବିନିଯୋଗ କରିବା ଆବଶ୍ୟକ। (୬) ପରିବାରରେ ଏବଂ ସମାଜରେ ଛୋଟ ଛୋଟ କଥାରେ କ୍ରୋଧ ଅଭିମାନ ନକରି ଉଦାରତା ପ୍ରଦର୍ଶନ କରିଲେ, ସମସ୍ତଙ୍କ ଶ୍ରଦ୍ଧାଭାଜନ ହେବା ଅବଶ୍ୟମ୍ଭାବୀ। (୭) ଯୁଗ ପରିବର୍ତ୍ତନ ସାଥିରେ ଚାଲି ଚଳଣି ବଦଳି ଯାଉଥିବାରୁ, ନିଜ ସମୟର ଚଳଣିକୁ ପିଲାଙ୍କ ସମୟର ଚଳଣି ସାଙ୍ଗରେ ତୁଳନା କରି, ଏ ସମୟର ଚଳଣି ନିମ୍ନମାନର, ସଂସ୍କାରବିହିନ-ଏକଥା ପିଲାମାନଙ୍କ ଆଗରେ ବାରମ୍ବାର କହିବା ଉଚିତ ନୁହେଁ। (୮) କେହି ଯଦି ପରାମର୍ଶ ବା ଶିକ୍ଷା ନଚାହୁଁଛନ୍ତି, ସେମାନେ ଭୁଲ୍ କରୁଥିଲେବି, ଆପଣ ତାର ସମାଧାନ ଜାଣିଥିଲେ ମଧ୍ୟ, ନୀରବ ରହିବା ବିଜ୍ଞତାର ପରିଚୟ। (୯) ପିଲାମାନଙ୍କ ଠାରୁ କୃତଜ୍ଞତା ଆଶା କରିବା ଉଚିତ୍ ନୁହେଁ, ସେମାନେ ଯେତିକି କୃତଜ୍ଞ ହେଉଛନ୍ତି, ସେତିକିରେ ସନ୍ତୁଷ୍ଟି ପ୍ରକାଶ କରିବା ଦରକାର। (୧୦) ବୃଦ୍ଧକାଳରେ ଦମ୍ପତିମାନଙ୍କର ପରସ୍ପର ପ୍ରତି ନିର୍ଭରତା ଓ ନିର୍ଭରଶୀଳତା ବୃଦ୍ଧି ପାଉଥିବାରୁ, ତେଣୁ ପରସ୍ପର ପ୍ରତି ଅନୁରକ୍ତ ରହିବା ଉଚିତ୍। (୧୧) ବେଳେବେଳେ ନିଜର ନାତିନାତୁଣୀମାନଙ୍କ ସହିତ ସମୟ ବିତାଇବାକୁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ, ସେମାନଙ୍କ ଉପରେ ସେମାନଙ୍କର ପିତାମାତାଙ୍କ ପାଠପଢ଼ା ତାଗିଦା ଯୋଗୁ ତାହା ସମ୍ଭବପର ହୋଇପାରି ନ ଥାଏ। ତେଣୁ ବିକଳ୍ପ ଭାବରେ, ପଡ଼ିଶା କିମ୍ବା ବସ୍ତିର ଦରିଦ୍ର ଅସହାୟ ପିଲାମାନଙ୍କ ପ୍ରତି, ନିଜ ସାମର୍ଥ୍ୟ ଅନୁଯାୟୀ ସେବା ଅଭିମୁଖ୍ୟରେ ବ୍ୟୟକରି ସହଯୋଗର ହସ୍ତ ପ୍ରସାରିତ କଲେ, ତାଙ୍କ ମୁଖମଣ୍ଡଳର ତୃପ୍ତି ସଂଦର୍ଶନ, ଯେଉଁ ଆନନ୍ଦ ପ୍ରଦାନ କରିବ, ତାହା ପୃଥିବୀର ଚରମ ଓ ଶ୍ରେଷ୍ଠ ଆନନ୍ଦ, ଏହା ନିଃସନ୍ଦେହ। ଗଲାବେଳେ ସାଙ୍ଗରେ କିଛି ନେବାପାଇଁ ନାହିଁ ମଧ୍ୟ ସମସ୍ତେ ମୋହାଚ୍ଛନ୍ନ। ବାଦର ଆନନ୍ଦ ଅନୁଭବୀ ହିଁ ଜାଣେ। ଯଦି ଆୟ କରିଥିବା ଅର୍ଥରୁ କିଛି ବ୍ୟୟ କରି, ଅସହାୟ ନିଷ୍ପାପ ପିଲାମାନଙ୍କ ସ୍ନିଗ୍ଧତାକୁ କ୍ରୟ କରିହେବ, ଯଦି କିଛି ସ୍ନେହ ଆଦର ବିନିମୟରେ, ସେମାନଙ୍କର ଆତ୍ମୀୟତାକୁ କ୍ରୟ କରିହେବ, ତେବେ ତାହା ତ' କେବଳ ମାନସିକ ଶାନ୍ତି ପ୍ରଦାନ କରିବ ନାହିଁ, ପରନ୍ତୁ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇ, ଦୀର୍ଘାୟୁ କରାଇ ପାରିବ। ଏ ସୁନ୍ଦର ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଇ ଚାଲିଯିବା ବେଳେ, ଯଦି ରକ୍ତ ସଂପର୍କୀୟ ହୋଇ ନଥିବା କୌଣସି ବ୍ୟକ୍ତିର ମନ ବିଷାଦରେ ଭରିଗଲା, ଅସହାୟ ନିଷ୍ପାପ କୌଣସି ପିଲାର ଚକ୍ଷୁରୁ, ଗୋଟିଏ ବୁନ୍ଦା ଦୁଃଖାଶ୍ରୁ ନିର୍ଗତ ହୋଇଗଲା, ତେବେ ତା'ଠାରୁ ଆଉ ବଡ ଜିନିଷ କ'ଣ ଥାଇପାରେ?

**ପ୍ରଦୀପ୍ତ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଇଶାଣୀବୃନ୍ଦପୁର, କଟକ। ମୋ-୭୬୭୧୫୭୩୨୨୦**

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି

ଅକ୍ଷୟ କୁମାର ରାଉତ



ପୁଣ୍ୟ ଭୂମି ଭାରତ। ଏଠାରେ ଅନେକ ଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ। କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀରଠାରୁ କୁମାରୀକା ଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଈଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱା ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥିଁ। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଂଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଆସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍‌କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ। ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରେସ ଗଠନ କଲେ। ନାଟାଲ କଂଗ୍ରେସ ମାଧମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ। ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଳଟିବାକୁ ବାଧହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଷମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୁଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ?ରିଆଡ଼େ ଆୟୋଜନ ହେଲା। କିଂ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛଁ। ଜାହାଜକୁ ବନ୍ଦର ମଧକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁ, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦୟ ଭାବରେ ପିଟି ଚାଲିଥାଁ। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅଁ। କିଂ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ।

୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ 'ଇଣ୍ଡିଆନ ଓପିନିୟନ' ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍‌ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିକନ୍‌ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ। ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ 'ହିନ୍ଦ୍‌ସ୍ୱରାଜ' ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷ୍ୟତରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କୃଷକ ଓ କୃଷକୀୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦ ହେଲା। ଭାରତୀୟମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତିପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଓଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନପ୍ରିୟତା ବଢିଗଲା। ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ।

ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରନ ଓକିଲାତି



ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକୁ ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିରେ ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକାଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି 'ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ'। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣାକଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ତାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ତାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର।

କଠୋରପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରିଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦିନ ପାଇଁ ଧରାପୃଷ୍ଠରେ ଅମର ହୋଇ ରହିଗଲେ।

***-ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି, ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫***

# ଗାନ୍ଧୀ ଓ ଅହିଂସା

ବିପିନବିହାରୀ ମହାନ୍ତି



'ଅହିଂସା' (ନାଃଅ-ହିଂସା) ଅର୍ଥ ହିଂସା ନକରିବା, କାହାପ୍ରତି ବଳ ପ୍ରୟୋଗରୁ ବିରତ ହେବା, ଶାନ୍ତ ଏବଂ ବ୍ୟାପକ ଅର୍ଥରେ ଜୀବପ୍ରତି ଦୟା କରିବା ଓ ତାଙ୍କୁ ହତ୍ୟା ନ କରିବାକୁ ବୁଝାଏ। ଏଣୁ ଅହିଂସାକୁ ନିଜର କରିଥିବା ବ୍ୟକ୍ତିଟି ନିଶ୍ଚିତଭାବରେ ଜଣେ ଉଦାର, ଶାନ୍ତ ଦୟାର୍ଦ୍ର ଓ କରୁଣାର ବ୍ୟକ୍ତି। ସେ କୌଣସି କାର୍ଯ୍ୟ ହାସଲ ପାଇଁ ହିଂସା ନ ଆଚରି ଅହିଂସାର ରାସ୍ତାକୁ ଅନୁସରଣ କରୁଥିବ। ଯାବତୀୟ ଝଡ଼ଝଞ୍ଜା, ବାଧା, ଘାତ ପ୍ରତିଘାତ ଓ ବିରୋଧ ସତ୍ତ୍ୱେ ସେ କେବଳ ଅହିଂସା ଦ୍ୱାରା ତା'ର ସମାଧାନ ପାଇଁ ଚେଷ୍ଟିତ ଥିବ। ଏମିତି ଜଣେ ବ୍ୟକ୍ତି ଥିଲେ ମହାତ୍ମାଗାନ୍ଧୀ ଯାହାଙ୍କର ଜୀବନର ବ୍ରତ ଥିଲା ସତ୍ୟ ଓ ଅହିଂସା ଏବଂ ତାହାରି ପ୍ରୟୋଗରେ ସେ ଜିତୁଥିଲେ ଗଡ଼; କରିଛନ୍ତି ଏ ପରାଧୀନ ଭାରତ ଭୂଖଣ୍ଡକୁ ସ୍ୱାଧୀନ। ସେ ଜାତିର ନୂତନ ଜନ୍ମଦାତା ପିତା। ଜାତିର ପିତା।

ଗାନ୍ଧୀଙ୍କ ମତରେ ସବୁ ସମସ୍ୟାର ସମାଧାନ ଏବଂ ବିଶ୍ୱମୁକ୍ତି କେବଳ ଅହିଂସା ଦ୍ୱାରା ସମ୍ଭବ। ଅହିଂସା ଏକ ସୃଜନକାରୀ ଶକ୍ତି ଅଥଚ ହିଂସା ସବୁକିଛି ଜାଳିପୋଡ଼ି ଥୋଇଦେବ। ଗାନ୍ଧୀଙ୍କ ମତରେ, "ଅହିଂସାରେ କନ୍ଦଳ ଛିଡ଼ିବ ନାହିଁ। ଶେଷକୁ ମଣିଷ ସମାଜ ଶେଷ ହୋଇଯିବ।" ତେବେ ଅହିଂସାର ପଥ ବଡ଼ କଠିନ, କଣ୍ଟକିତ। ଏହାକୁ ଆଧାର କରି ଚାଲିବା ବଡ଼ କଷ୍ଟ। ଏ ନେଇ ଗାନ୍ଧୀ ଯଥାର୍ଥରେ କହିଛନ୍ତି, "ଅହିଂସାର ମାର୍ଗ ତରବାରୀର ଧାର ଭଳି। ଟିକେ ଭୁଲ ହେବା ମାତ୍ରେହିଁ ତଳକୁ ଖସିବ। ଘୋର ଅନ୍ୟାୟକାରୀ ଉପରେ ବି କ୍ରୋଧ କରନାହିଁ, ତାକୁ ପ୍ରେମ କର, ତାହାର ମଙ୍ଗଳ କାମନା କର ଓ ମଙ୍ଗଳ କର। କିନ୍ତୁ ପ୍ରେମ କଲେ ମଧ ଅନ୍ୟାୟର ବଶୀଭୂତ ହୁଅନାହିଁ। ଅନ୍ୟାୟର ବିରୋଧ କର ଏବଂ ଏଭଳି କଲେ ତାହା ଯେଉଁ କଷ୍ଟ ଦେବ, ତାକୁ ଧୈର୍ଯ୍ୟ ସହିତ ସହ୍ୟକର।"

ଗାନ୍ଧୀ ମାର୍ଚ୍ଚ ୨୫, ୧୯୩୮ରେ ପୁରୀ ଜିଲ୍ଲାର ବେରବୋଇଠାରେ ଗାନ୍ଧୀସେବାସଂଘର ପ୍ରାରମ୍ଭିକ ଭାଷଣରେ ଅହିଂସା ନେଇ କହିଥିଲେ, "ଅହିଂସାର ବାଟ କ୍ଷୁରଧାର ଭଳି । ଆମର ପ୍ରତିଦିନ ତାର ଅଭ୍ୟାସ କରିବା ବଡ଼କଥା । ଠିକ୍ ଠିକ୍ ଖାଉଥିଲେ, ଖାଦ୍ୟଦେହକୁ ବଂଚାଇ ରଖେ। ସେମିତି ଅହିଂସାକୁ ଠିକ୍ ଠିକ୍ ଅଭ୍ୟାସକଲେ, ଆତ୍ମାକୁ ବଂଚେଇ ରଖେ। ଦେହ ପାଇଁ ଖାଦ୍ୟକୁ ନିର୍ଧାର୍ଯ୍ୟ ସମୟରେ ଓ ପରିମାଣରେ ଖାଇବାକୁ ହୁଏ, କିନ୍ତୁ ଅହିଂସା ଆତ୍ମାର ଖାଦ୍ୟ, ତାକୁ ସବୁବେଳେ ଖାଇବାର କଥା। ସେଥିରେ ପେଟ ପୂରିବାର କୌଣସି ପ୍ରଶ୍ନ ନାହିଁ। ଯେଉଁ ଲକ୍ଷ୍ୟକୁ ମୁଁ ଅନୁସରଣ କରୁଛି, ତାହାର ଜ୍ଞାନ ମୋର ପ୍ରତି ମୁହୂର୍ତ୍ତରେ ଥିବା ଆବଶ୍ୟକ ଏବଂ ସେହି ଲକ୍ଷ୍ୟ ଦୃଷ୍ଟିରେ ଆପଣଙ୍କୁ ବାରମ୍ବାର ପରୀକ୍ଷା କରିବା ଉଚିତ।"

ସେ ପୁଣି କହିଥିଲେ, "ଅହିଂସାର ପ୍ରଥମ ସୋପାନ-ଆମେ ଆପଣା ଆପଣା



ଭିତରେ ଦୈନନ୍ଦିନ ଜୀବନରେ ସତକହିବା; ସହିଷ୍ଣୁ ହେବା; ବିନୟ, ପ୍ରେମ ଓ ଦୟାର ସହିତ ଆଚରଣ କରିବା। ଇଂରାଜିରେ କହନ୍ତି, "ସାଧୁତା ସବୁଠାରୁ ଭଲ କୌଶଳ, କିନ୍ତୁ ଅହିଂସା ଦୃଷ୍ଟିରେ ସାଧୁତା କେବଳ କୌଶଳ ନୁହେଁ; କୌଶଳ ବି ବଦଳିପାରେ, ବଦଳିବି ଯାଏ। କିନ୍ତୁ ଅହିଂସା ତ' ଏକ ନୀତି, ଏକ ଧର୍ମ, ତହା ବଦଳେ ନାହିଁ। ତାହା ଅଟଳ। ତମର ଚାରିଆଡ଼େ ହିଂସା ଜଳୁଥିଲେ ମଧ ଅହିଂସାକୁ ପାଳିବାକୁ ପଡ଼ିଥାଏ। ଅହିଂସା ଲୋକ ସଂଗେ ଅହିଂସା ଆଚରିବାରେ ବାହାଦୂରୀ ନାହିଁ। ବରଂ ସେତେବେଳେ ତାହା ଅହିଂସା କି ନୁହେଁ, ତାହା କହିବା କଠିନ ହୋଇଥାଏ; କିନ୍ତୁ ଅହିଂସା ଯେତେବେଳ ହିଂସାର ମୁହାଁମୁହିଁ ହୁଏ, ସେତେବେଳେ ଦୁହେଁଯାକ ବାରିହୋଇ ପଡ଼ନ୍ତି । ଆମେ ସବୁବେଳେ ସଚେତନ ନଥିଲେ, ସବୁବେଳେ ସତର୍କ ନଥିଲେ, ସବୁବେଳେ ସଚେଷ୍ଟ ନଥିଲେ, ସେତକ କରିପାରିବା ନାହିଁ।"

ଅହିଂସାର ପ୍ରକାର ଭେଦରେ ସେ ଏହାକୁ ଦୁଇଭାଗ କରିଛନ୍ତି: ସବଳ ଓ ଦୁର୍ବଳ ଅହିଂସା। ତାଙ୍କ ମତରେ, "ଆମ ଅହିଂସା ସବଳର ଅହିଂସା ହେବା ଉଚିତ୍। ଏହା ଦୁର୍ବଳ ହସ୍ତରେ ଢେର କାମ ଦେବ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ତାହା ଯେତେବେଳେ ଆମ ଦୁର୍ବଳତାକୁ ଘୋଡ଼ାଇବାର ଆବରଣ ହୋଇଥାଏ, ସେତେବେଳେ ତାହା ଆମକୁ ଦୁର୍ବଳ କରିପକାଏ। ଏଭଳି ଦୁର୍ବଳତାଠାରୁ ଶରୀର ବଳ ପ୍ରୟୋଗ ସାହସ ଢେର ଭଲ। ଲଢୁଲଢୁ ମରିଯବା ଡରିଡରି ମରିବାଠାରୁ ଢେର ଭଲ। ଆମେ ସମସ୍ତେ ସମ୍ଭବତଃ ମୂଳରୁ ପଶୁଥିଲୁ ଏବଂ ଧିରେ ଧିରେ ଆମର ବିକାଶ ହୋଇ ଆମେ ମଣିଷ ହୋଇଛୁ ବୋଲି ମୋର ବିଶ୍ୱାସ। ଅର୍ଥାତ୍ ଆମ୍ଭର ପଶୁବଳ ନେଇ ଜନ୍ତୁ ହୋଇଥାଉ ସତ, କିନ୍ତୁ ସଙ୍ଗେ ସଙ୍ଗେ ଆମଭିତରର ଭଗବାନଙ୍କୁ ଉପଲବ୍ଧି କରିବାକୁ ବି ଜନ୍ମ ହୋଇଥାଉ। ତାହାହିଁ ପୁରୁଷାର୍ଥ ଏବଂ ତାହାହିଁ ପଶୁ ଜାତିଠାରୁ ମଣିଷକୁ ଅଲଗା କରିଦେଉଛି। ଭଗବାନଙ୍କୁ ଜାଣିବା ଅର୍ଥ ଜୀବଜଗତରେ ସବୁଥିରେ ତାଙ୍କୁ ଦେଖିବା-ଅର୍ଥାତ୍ ସମସ୍ତ ସୃଷ୍ଟିସାଙ୍ଗେ ନିଜର ଐକ୍ୟ ଉପଲବ୍ଧି କରିବା। ଆମେ ସ୍ୱେଚ୍ଛାରେ ଶରୀର ବଳକୁ ଛାଡ଼ି, ଆମ ଭିତରେ ଲୁଚିଥିବା ଅହିଂସାକୁ ବାହାର ନକଲେ, ଆମେ ଐକ୍ୟକୁ ଅନୁଭବ କରିପାରିବା ନାହିଁ। ଏହା କେବଳ ଶକ୍ତିରୁ ଜନ୍ମିପାରେ। ଆମର ଏହି ସବଳର ଅହିଂସା ଅଛି କି? ଆମେ ତାକୁ ଅସମ୍ଭବ ଆଦର୍ଶ ବୋଲି ଛାଡ଼ି ଦେଇପାରୁ ଏବଂ ତା' ବଦଳରେ ହିଂସାକୁ ଆଶ୍ରା କରିପାରୁ। ଅହିଂସା ଯଦି ସବଳର ଅସ୍ତ୍ର, ତାହାର କିଛି ପରିଣାମ ଭୋଗିବାକୁ ହେବହିଁ ହେବ।"

ଭଗବାନ ସର୍ବମୟ। ସେ ସବୁ ସତ୍ତାରେ ବିଦ୍ୟମାନ। ସେ ସବୁ ଜୀବ ବିଶେଷଙ୍କର ଆତ୍ମାରୂପେ ବିରାଜମାନ। ଏଣୁ ଅହିଂସାର ପ୍ରୟୋଗ ସବୁ ଜୀବ ବିଶେଷଙ୍କଠାରେ ହେବା ଉଚିତ୍। ଗାନ୍ଧୀ ତାଙ୍କ ଜୀବନରେ ବିଷଧର ସର୍ପଠାରୁ ଆରମ୍ଭକରି ଇଂରେଜଙ୍କ ପରି ଶତ୍ରୁଠାରେ ଯେପରି ଅହିଂସା ପ୍ରୟୋଗ କରିଛନ୍ତି, ସେମିତି ନିରୀହ ବଳିପଡ଼ିବାକୁ ଯାଉଥିବା ଛେଳିଟି ପ୍ରତି ପ୍ରୟୋଗ କରନ୍ତି ଏବଂ ଜିତିଛନ୍ତି। ତାଙ୍କ ମତରେ ଅହିଂସାହିଁ ପରମ ଧର୍ମ, ପରମ ପନ୍ଥା ଏବଂ ଯୁଦ୍ଧକ୍ଷେତ୍ରରେ ପରମ ଅସ୍ତ୍ର। କେବଳ ତାର ସଫଳ ପ୍ରୟୋଗ କରିପାରିଲେ ହେଲା।

***-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୪୧୩୮***

# କୃଷି ଦୁନିଆ



# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବିପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା–ବିଶ୍ୱଜିତ ମଲ୍ଲିକ*



## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା – ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡ଼ିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡ଼ିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୂଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।



ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା – କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଡିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡ଼ିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା



ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ – ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :– ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :–ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :– ପ୍ଲାଷ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ମୋର ଜୀବନ ହିଁ ମୋର ସନ୍ଦେଶ





ଗାନ୍ଧିଜୀଙ୍କ ଜୀବନ ହିଁ ଥିଲା ସମଗ୍ର ରାଜ୍ୟ ତଥା ଭାରତବର୍ଷ ପାଇଁ ଏକ ମହାନ ସନ୍ଦେଶ। ବରିଷ୍ଠ ଗାନ୍ଧିବାଦୀ ସମାଜସେବୀ ଓ ଚିକିତ୍ସକ ଡଃ. ଅଭୟ ବର୍ଙ୍ଗ ନିଜର ଏକ ଅଭିଭାଷଣରେ ଏପରି ମତ ଉପସ୍ଥାପନ କରିଥିଲେ। ତାଙ୍କ କହିବାନୁସାରେ ଆଜି ଯଦି ମହାତ୍ମାଗାନ୍ଧୀ ଜୀବିତ ଥାଆନ୍ତେ, ତେବେ ଏହି କରୋନା ମହାମାରୀରୁ ସମଗ୍ର ମାନବ ସମାଜକୁ ମୁକ୍ତିଦେବା ପାଇଁ ସର୍ବପ୍ରଥମେ ଲୋକମାନଙ୍କ ହୃଦୟରେ ବସାବାନ୍ଧି ନେଇଥିବା ଏହି କରୋନା ଭୟକୁ ଦୂର କରିବା ପାଇଁ ପଦକ୍ଷେପ ନେଇଥା'ନ୍ତେ। ସେ ଦିଲ୍ଲୀ ପରିତ୍ୟାଗ କରି ଆଉ ଏକ ଦାଣ୍ଡିଯାତ୍ରା କରି ବିସ୍ଥାପିତ ଜନତାଙ୍କ ଗହଣରେ ପହଂଚିଥା'ନ୍ତେ। ଆଜି କରୋନା ଭାଇରସ୍‌ଠାରୁ ଅଧିକ ଏହାର ଭୟ ସମଗ୍ର ସମାଜକୁ କବଳିତ କରିଛି। ସେ ନିଜର ବକ୍ତବ୍ୟରେ କହିଥିଲେ-"କରୋନା" ଯୋଗୁ ସରକାରଙ୍କର ତାଲାବନ୍ଦି ପ୍ରକ୍ରିୟା କାରଣରୁ ସହରରେ ବେରୋଜଗାର ଓ ବେକାର ସମସ୍ୟା ହେତୁ ଲୋକମାନେ ନିଜର ଭିଟାମାଟିକୁ ଫେରିବାକୁ ବାଧ ହେଲେ। ମାତ୍ର ଏମାନଙ୍କର ଭିଟାମାଟିକୁ ଫେରିବା ରାସ୍ତା ସରକାର ବନ୍ଦ କରିଦେଲେ। ଏଇ ପ୍ରବାସୀ ମଣିଷମାନେ ପେଟ ବିକଳରେ ହଜାର ହଜାର କିଲୋମିଟର ପଦବ୍ରଜରେ ଆସିବା ପାଇଁ ବାଧ ହୋଇଥିଲେ। ଯଦି ଆଜି ଗାନ୍ଧୀ ଜୀବିତ ଥା'ନ୍ତେ, ସେ ଦିଲ୍ଲୀର ଆଲିସାନ ବଙ୍ଗଳାରେ ନ ରହି ସେହି ପ୍ରବାସୀ ଭାରତୀୟଙ୍କ ବା ବିସ୍ଥାପିତଙ୍କ ଗହଣରେ ପହଂଚି ସେମାନଙ୍କର ଖାଦ୍ୟ, ପେୟ, ଔଷଧର ସୂଚାରୁ ବ୍ୟବସ୍ଥା କରିବା ସହ ନିଜ ଭିଟାମାଟିରେ ସେମାନଙ୍କ ପାଇଁ କର୍ମସଂସ୍ଥାନର ବ୍ୟବସ୍ଥା କରାଇଥା'ନ୍ତେ। ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ସେ ପ୍ରଥମେ ସେହି ଶ୍ରମିକମାନଙ୍କର ଆତ୍ମସମ୍ମାନ ଓ ବଂଚିବାର ଆଶା ଓ ସ୍ପୃହା ବଂଚାଇ ରଖିଥା'ନ୍ତେ।

ସେ ଏକ ହୃଦୟସ୍ପର୍ଶୀ କଥା କହିଥିଲେ, ଯାହା ଥିଲା ସେ ବିସ୍ଥାପିତ ଶ୍ରମିକଙ୍କ ପାଇଁ ଆପଣାପଣ ଦେଖାଇବା ସହ ସରକାରଙ୍କର କ୍ରୂର ବ୍ୟବହାର ବିରୁଦ୍ଧରେ ବିସ୍ଥାପିତଙ୍କ ସହ ଆଉ ଏକ ଦାଣ୍ଡିଯାତ୍ରାର ଶୁଭାରମ୍ଭ କରିଥା'ନ୍ତେ।

ଗାନ୍ଧିଜୀଙ୍କ କହିବାନୁସାରେ ପ୍ରଥମେ ନିର୍ଭୟ ହେବା ଦରକାର। ମଣିଷ ମନରେ ଭୟ ରହିଲେ ମଣିଷ ଶକ୍ତିହୀନ ହୋଇଯାଏ। ବର୍ତ୍ତମାନ ଭାଇରସ୍‌ଜନିତ ମୃତ୍ୟୁ ଆମ ସମାଜରେ ଯେତେ ନୁହେଁ, ତା'ଠାରୁ ଏହି ମହାମାରୀର ଭୟ ଓ ଏହାର ଉପଚ୍ଚାର ନ ହେବାର ଡର ଯୋଗୁ ମଣିଷ ମରୁଛନ୍ତି। ମୃତ୍ୟୁର ଭୟ କ'ଣ ନଶ୍ୱର ଶରୀରର ମୃତ୍ୟୁ ହୋଇପାରେ ଆତ୍ମାର ନୁହେଁ। ଯେତେବେଳେ ମଣିଷର ଆତ୍ମାଜ୍ଞାନ ବଳବତର ହୋଇଯିବ ସେତେବେଳେ ମୃତ୍ୟୁର ଭୟ ରହିବନି। ଗାନ୍ଧିଜୀ ଯଦି ଆଜି ଥା'ନ୍ତେ, ସେ ନିଶ୍ଚୟ ଏହି କରୋନା ସମୟରେ କରୋନା ରୋଗୀଙ୍କର ସେବା ନିଜ ହାତରେ କରିବା ସହ ସ୍ୱଚ୍ଛତା ପ୍ରକ୍ରିୟା, ହାତ ଧୋଇବା, ଜଡିବୁଟିର ପ୍ରୟୋଗ କରିବା, ମୁଖାବରଣ ପରିଧାନ କରିବା ଇତ୍ୟାଦି ପ୍ରକ୍ରିୟାର ଗୁଣ ବିଷୟରେ ଜନସାଧାରଣଙ୍କ ଗହଣରେ ରହି ପ୍ରଚାର ପ୍ରସାର କରିଥାନ୍ତେ। ଆଜିର ଏ ରାଜନେତାଙ୍କ ପରି ଲୋକଙ୍କଠାରୁ ଗ୍ରହଣ କରାଯାଇଥିବା ଅର୍ଥକୁ ସରକାରୀ ତହବିଲରୁ ପାଣିଭଳି ବିନିର୍ବେୟ କରି ଚିତ୍ରତାରକାଙ୍କୁ ପୋଷିବା ସହ କୋଟିଏ ତିରିଶ ଲକ୍ଷ ଜନତାଙ୍କ ଜୀବନ ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରି ନଥା'ନ୍ତେ। ତେଣୁ ତାଙ୍କ ଜୀବନ ହିଁ ଥିଲା ସମାଜ ତଥା ଜାତି ପାଇଁ ଏକ ମହାନ ସନ୍ଦେଶ।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର,**
**ଫୋନ୍ ନଂ-୬୩୭୦୬୭୫୫୬୨**

## ସ୍ମୃତିର ଓଡିଶା ପକ୍ଷରୁ ନଭେମ୍ବର ଦ୍ୱିତୀୟ ସପ୍ତାହରେ ମିସେସ୍ ଓ ମିସ୍ ଇଣ୍ଡିଆ ଗ୍ଲୋବାଲ କଣ୍ଟେଷ୍ଟ



କୋଣାର୍କ (ପିଏନ୍): ସ୍ମୃତିର ଓଡିଶା ଚାରିଟେବୁଲ ଟ୍ରଷ୍ଟ ଇଣ୍ଡିଆ ପକ୍ଷରୁ ଆସନ୍ତା ନଭେମ୍ବର ମାସର ଦ୍ୱିତୀୟ ସପ୍ତାହରେ ମିସେସ୍ ଓ ମିସ୍ ଇଣ୍ଡିଆ ଗ୍ଲୋବାଲ କଣ୍ଟେଷ୍ଟ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଓଡିଶାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଭାରତର ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ସମେତ ୧୪ଟି ଦେଶର ପ୍ରତିଯୋଗୀ ସାମିଲ ହୋଇ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ। ସ୍ମୃତିର ଓଡିଶା ପକ୍ଷରୁ କୋଭିଡ କଟକଣା ସମୟରେ ଭର୍ଚୁଆଲ ମାଧ୍ୟରେ ପ୍ରତିଯୋଗୀତା କରାଯାଇ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ନଭେମ୍ବର ମାସର ଦ୍ୱିତୀୟ ସପ୍ତାହରେ ପ୍ରତିଯୋଗୀମାନଙ୍କୁ ନେଇ ମିସେସ୍ ଓ ମିସ୍ ଇଣ୍ଡିଆ ଗ୍ଲୋବାଲ କଣ୍ଟେଷ୍ଟ ଅନୁଷ୍ଠିତ ହେବ। ଏହି ଆନ୍ତର୍ଜତିକ ସ୍ତରର କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ନେତା, ଅଭିନେତା ଏବଂ କଳାରେ ରୁଚିରଖୁଥିବା ଲୋକପ୍ରିୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମିସେସ୍ ଓ ମିସ୍ ଇଣ୍ଡିଆ ଗ୍ଲୋବାଲ କଣ୍ଟେଷ୍ଟ ପାଇଁ ଗତ ୨୫ ତାରିଖରେ ଭୁବନେଶ୍ୱର ସ୍ଥିତ କେଶ୍ୱରୀ ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ମିସେସ୍ ଓ ମିସ୍ ଇଣ୍ଡିଆ ଗ୍ଲୋବାଲ ଫାଇନାଲ କଣ୍ଟେଷ୍ଟ ସମ୍ପର୍କରେ ଗଣମାଧ୍ୟମକୁ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଏହି ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମ ସମ୍ପର୍କରେ ଟ୍ରଷ୍ଟର ଜତୀୟ ସଭାନେତ୍ରୀ ସଂଗୀତା ମହାପାତ୍ର, ଚେୟାରମେନ ତଥା ବରିଷ୍ଠ ଦଇତାପତି ରାମଦାସ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ତଥା ଉପଦେଷ୍ଟା ବିନୋଦ କୁମାର ପଣ୍ଡା, ଜିତେନ ଅପରାଲ ଷ୍ଟୁଡିଓର ଏମ.ଡି. ଜାହିଦ ଅହମଦ, ଷ୍ଟାଟ୍ ଲାଇଟ ଏଣ୍ଟରଟେଣ୍ଟମେଣ୍ଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଚନ୍ଦନ କୁମାର ଚାନ୍ଦୁଲ୍ୟ, ଉପଦେଷ୍ଟା ଡ. ଚିଦାତ୍ମିକା ଖଟୁଆ ଓ ଟ୍ରଷ୍ଟର ପ୍ରତିଷ୍ଠାତା ଡ. ରଜନିକାନ୍ତ ମିଶ୍ର ପ୍ରମୁଖ ଅବଗତ କରାଇବା ସହ ପରିଚାଳନା କରୁଛନ୍ତି।

## କେନ୍ଦ୍ରାପଡା ଜିଲ୍ଲାରେ ୧୪ କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ମଙ୍ଗଳବାର ୧୦ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ଗରଦପୁର ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ୨ଜଣ, ରାଜନଗର ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୪ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି। ଜିଲ୍ଲାରେ ଗତ ବୁଧବାର ୪ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ କେନ୍ଦ୍ରାପଡା ବ୍ଲକରେ ୨ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ମାର୍ଶାଘାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ରାଇକିଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସରେ ଭୟାବହ ଅଗ୍ନିକାଣ୍ଡ

ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲାର ରାଇକିଆ ବଜାରରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ତେବେ ଏପର୍ଯ୍ୟନ୍ତ କୌଣସି ଜୀବନହାନି ଘଟି ନଥିବା ଜଣାପଡିଛି। ସୂଚନାନୁସାରେ ସ୍ଥାନୀୟ ବିକ୍ରେତାମାନେ ରାତିରେ ଏକ ଦୋକାନରୁ ଘନ ଧୂଆଁ ବାହାରୁଥିବା ଦେଖିବା ସହିତ ନିଆଁ ଅନ୍ୟ ଦୋକାନକୁ ବ୍ୟାପୁଥିବାର ଦେଖିଥିଲେ। ସେମାନେ ତୁରନ୍ତ ଘଟଣାକୁ ଅଗ୍ନିଶ୍ରମ ବିଭାଗକୁ ଜଣାଇଥିଲେ। ଖବର ପାଇ ରାଇକିଆ ଦମକଳ ସମେତ ନିକଟସ୍ଥ ଅଂଚଳରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ୩ରୁ ଅଧିକ ଦୋକାନ ନିଆଁରେ ଭସ୍ମିଭୁତ ହୋଇଯାଇଛି। ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତି ନିଆଁରେ ପୋଡି ହୋଇଥିବାର ଅନୁମାନକରାଯାଉଛି। ରାଇକିଆ ପୁଲିସ ମଧ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ ଚାଲୁରଖିଛି। ଯଦିଓ ନିଆଁ କିପରି ଲାଗିଲା ତାହା ଜଣାପଡିନାହିଁ ତଥାପି ଏହା ସର୍ଟ ସର୍କିଟ ଦୁର୍ଘଟଣାର କାରଣ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି।

## ଖଜୁରୀପଡାଠାରେ ଟାଟା ତରଫରୁ ବିଦ୍ୟୁତ ସୁରକ୍ଷା ତାଲିମ ଶିବିର

ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ ସୁରକ୍ଷା ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ନିଜ ସୁରକ୍ଷା ଜନିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ୧୮ଜଣ କର୍ମଚାରୀଙ୍କୁ ବିଦ୍ୟୁତ କାମ କରିବା ସମୟରେ ନିଜେ କିପରି ଭାବେ ସୁରକ୍ଷିତ ରହିବେ ସେ ନେଇ ତାଲିମ ଦିଆଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟରେ ପ୍ରଶିକ୍ଷକ ଭାବେ ବିଭୁତିଭୁଷଣ ପାହାଡ଼ସିଂ ଉପସ୍ଥିତ ରହି ବିଭାଗୀୟ କର୍ମଚାରୀଙ୍କୁ ସୁରକ୍ଷାଜନିତ ତାଲିମ୍ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଯନ୍ତ୍ରୀ ସୁବାଷ ବିଶ୍ୱାଳ ଅସିମ କୁମାର ପଣ୍ଡା, ସୂର୍ଯ୍ୟକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷା ଓ ବନ୍ୟାରେ ବ୍ୟାପକ ଫସଲହାନୀ



ଧର୍ମଶାଳା (ପିଏନ୍): ଲଘୁଚାପଜନିତ ଲଗାଣ ବର୍ଷା ଓ ପରବର୍ତୀ ସମୟରେ ବନ୍ୟା ହେବାରୁ ଧର୍ମଶାଳା ବ୍ଲକରେ ୫ହଜାର ହେକ୍ଟରରୁ ଅଧିକ ଜମିରେ ଫସଲହାନୀ ହୋଇଛି। ବ୍ରାହ୍ମଣୀ, କେଲୁଅ, ଗେଙ୍ଗୁଟି ନଦୀ ସମେତ ଶଗଡିଆ ଓ କୁଆଁରିଆ ନାଳରେ ବନ୍ୟା ଆସି ଏହି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟାଜଳ ପ୍ରବେଶ କରି ଏସବୁ ଜମିରେ ହୋଇଥିବା ଅଧିକାଂଶ ଧାନ, ନଳିତା ଓ ପନିପରିବା ଫସଲ ପଚି ନଷ୍ଟ ହୋଇଯାଇଛି। କୃଷିରଣ ଠାରୁ ଆରମ୍ଭ କରି ଗାଁ ମହାଜନ ନିକଟରୁ କରଜ ଆଣି ଚାଷ କରିଥିବା ଅନେକ ଚାଷୀ ଏବେ ମୁଣ୍ଡରେ ହାତ ଦେଇବସିଛନ୍ତି। ଗାଁ'ଗଣ୍ଡାରୁ ବନ୍ୟାଜଳ ନିଷ୍କାସିତ ହୋଇଯାଇଥିବା ବେଳେ ଚାଷଜମିରୁ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ପାଣି ଖସିନାହିଁ। ସପ୍ତାହେ ହେଲା ଚାଷଜମି ପାଣିରେ ବୁଡି ରହିବାରୁ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ଏଥିପାଇଁ କିଛିଦିନ ହେଲା ବଜାରରେ ପରିବା ଦର ବୃଦ୍ଧି ଘଟିଛି। ଏହାର ପ୍ରଭାବ ସିଧା ଗରିବ ଶ୍ରେଣୀ ଲୋକଙ୍କ ଉପରେ ପଡିଥିବା ଦେଖିବାକୁ ମିଳିଛି। ସେମାନଙ୍କ ପକ୍ଷରେ ଆବଶ୍ୟକ ମୁତାବକ ପରିବା କିଣିବା ସମ୍ଭବ ହେଉନାହିଁ। ସପ୍ତାହେ ହେଲା ପାଣିରେ ବୁଡି ରହିଥିବା ଚାଷଜମିରୁ ବନ୍ୟାଜଳ ନିଷ୍କାସିତ ହୋଇ ନଥିବା ବେଳେ ଗୁଲାବ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଏସବୁ ଜମିରେ ହୋଇଥିବା ସମସ୍ତ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ବ୍ରାହ୍ମଣୀର ଶାଖା କେଲୁଅ ନଦୀରେ ବନ୍ୟା ଆସି ଉତରପ୍ରତାପ, ଦେଓଦା, କୋଟପୁର ଓ ଅରାବଳ ପଂଚାୟତର ଅଧିକାଂଶ ଚାଷଜମିରେ ବନ୍ୟାଜଳ ମାଡି ଯାଇଥିଲା। ସେହିପରି କୁଆଁରିଆ ନାଳରେ ବନ୍ୟା ଆସି ମହିସରା, ସଂପାରୁ, ଅଂଟିଆ, ପାଖର, ଗଙ୍ଗାଧରପୁର ଆଦି ପଂଚାୟତରେ ହୋଇଥିବା ଫସଲ ନଷ୍ଟ ହୋଇଛି। ଏଥିସହ ଗେଙ୍ଗୁଟି ଓ ଶଗଡିଆ ନାଳରେ ବନ୍ୟାଜଳ ପ୍ରବାହିତ ହୋଇ କଂଟିଗଡିଆ, ପଟୁଣିଆ, ଅରେଇକଣା, କ୍ଷେତ୍ରପାଳ, ପାଟପୁର, ମିର୍ଜାପୁର, ବଡକାଏମା, ଅଭୟପୁର ଓ ଜାରକା ପଂଚାୟତର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ବ୍ଲକ ଅଧୀନ ୪୫ପଂଚାୟତର ୧୪୨ମୌଜାରେ ହୋଇଥିବା ପ୍ରାୟ ୧୩ହଜାର ହେକ୍ଟର ଚାଷଜମିରୁ ୨ହଜାର ୩୨୦ହେକ୍ଟର ଧାନ, ୮୩ହେକ୍ଟର ନଳିତା ଓ ୪୫୦ ହେକ୍ଟର ପନିପରିବା ଫସଲ ଜଳମଗ୍ନ ହୋଇଥିବା କୃଷିବିଭାଗ ପକ୍ଷରୁ ଆକଳନ କରାଯାଇଛି। ଲଗାଣ ବର୍ଷା ଓ ବନ୍ୟାଜଳ ମାଡିଯିବା ଫଳରେ ୧୭ପଂଚାୟତର ୫୮ଟି ଗାଁ କ୍ଷତିଗ୍ରସ୍ତ ହୋଇଛି। ୩୩ହଜାର ୨୩୦ଜଣ ଲୋକ ଏଥିରେ ପ୍ରଭାବିତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୪୨ଟି କଚାଘର କ୍ଷତିଗ୍ରସ୍ତ ହୋଇଥିବା ତହସିଲ ପକ୍ଷରୁ କୁହାଯାଇଛି। ହେଲେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟାବିପନ୍ନମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇନାହିଁ।

## ଜାରକା ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଶାନ୍ତିବଜାର ଦୁର୍ଗାମଣ୍ଡପରେ ଜାରକା ରୋଟାରୀ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଜିଲ୍ଲା ଗଭର୍ଣ୍ଣର ପ୍ରଭୁଦତ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ପ୍ରଫେସର ନୀଳମାଧବ ରଥ ମୁଖ୍ୟବକ୍ତା ଓ ଏଜି ରୋଟାରିଆନ୍ ନନ୍ଦକିଶୋର ସାହୁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସାରା ବିଶ୍ୱରେ ରୋଟାରୀ କ୍ଲବର ସଦସ୍ୟମାନେ ସେବା ପାଇଁ ନିଜକୁ ସମର୍ପଣ କରି ଚାଲିଛନ୍ତି। ଜାରକା ରୋଟାରୀ କ୍ଲବର ଜନହିତକର ଓ ସେବା କାର୍ଯ୍ୟ ଏହାର ଉଦାହରଣ ବୋଲି ଅତିଥିମାନେ କହିଥିଲେ। ପ୍ରାକ୍ତନ ସଭାପତି ବିନୋଦ ବିହାରୀ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ସଂପାଦକ ସୁକାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ, ପ୍ରାକ୍ତନ ସଭାପତି ପ୍ରଦୀପ୍ତ କୁମାର ବରାଳ ସ୍ୱାଗତ ଭାଷଣ ଓ ସଂପାଦକ ଜୟପ୍ରକାଶ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଇନର ହୁଇଲ୍ କ୍ଲବର ମିନତୀ ସାହୁ, ଅର୍ଚ୍ଚନା ସ୍ୱାଇଁ, ଉପାସନା ପଣ୍ଡା ଓ ଶକୁନ୍ତଳା ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ମାଧୁରୀ ଶତପଥୀ ମନ୍ତ୍ରପାଠ କରିଥିଲେ। ଏହି ଅବସରରେ ୨୦୨୦-୨୧ବର୍ଷର ସଭାପତି ଉମେଶ ଜେନା ଓ ସଂପାଦକ ଜୟପ୍ରକାଶ ତ୍ରିପାଠୀ ୨୦୨୧-୨୨ବର୍ଷର ନୂତନ ସଭାପତି ନିରଂଜନ ପାଣିଗ୍ରାହୀ ଓ ସଂପାଦକ ଜ୍ୟୋତିପ୍ରକାଶ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ ଓ ଡ. ନୀଳମାଧବ ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ସଭ୍ୟ ଦୀପକ କୁମାର ଜେନା, ଜୟଗୁରୁ ପାତ୍ର ଓ ନିମନ୍ତ୍ରଣ ସଭ୍ୟ ଡ. ରଥଙ୍କୁ ମୁଖ୍ୟଅତିଥି ରୋଟାରୀ ସଂକେତ ପ୍ରଦାନ କରିଥିଲେ। ପୂର୍ବତନ ସଂପାଦକ ପ୍ରମୋଦ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ୩୨୬୨ ରୋଟାରୀ ଜିଲ୍ଲାର କଟକ, ଯାଜପୁର, ପୁରୀ, ପାରାଦୀପ ଓ କଳିଙ୍ଗନଗର କ୍ଲବର କର୍ମକର୍ତାମାନେ ଯୋଗ ଦେଇଥିଲେ। ଜାରକା ରୋଟାରୀ କ୍ଲବର ସଦସ୍ୟ ଓ ଇନର ହୁଇଲ କ୍ଲବର ସମସ୍ତ ସଦସ୍ୟା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଯାଜପୁର (ପିଏନ୍)-ଯାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଆନ୍ତର୍ଜାତିକ ବରିଷ୍ଠ ଦିବସ ପାଳନ ଉପଲକ୍ଷେ ଉପସଭାପତି ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ କାର୍ଯ୍ୟକାରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆନ୍ତର୍ଜାତିକ ସ୍ତରରେ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଯାଜପୁର ସହର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏହାକୁ ପାଳନ କରିବାପାଇଁ ନିଷ୍ପତି ନିଆଯାଇଛି। ପ୍ରକାଶଥାଉକି ପୂର୍ବରୁ ସରକାରୀ ସ୍ତରରେ ଏହି ଉତ୍ସବ ପାଳନ କରାଯାଉଥିବାବେଳେ କୋଭିଡ୍ ମହାମାରୀ ଯୋଗୁଁ ଏହା ଗତବର୍ଷ ପାଳନ କରାଯାଇନାହିଁ। ବୈଠକରେ ସଂଘ ତରଫରୁ ହାଇସ୍କୁଲର ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ବଣ୍ଟନ କରାଯିବା ପାଇଁ ନିଷ୍ପତି ନିଆଗଲା। ଯାଜପୁର ସହରରେ ବରିଷ୍ଠ ନାଗରିକ ସଂଘ ନିମନ୍ତେ ସ୍ଥାନ ନିରୂପଣ ଓ ସ୍ଥାୟି ଗୃହ ନିର୍ମାଣ ନିମନ୍ତେ ଜିଲ୍ଲାପାଳ ଏବଂ ମାନ୍ୟବର ବିଧାୟକଙ୍କୁ ଲିଖିତ ଅନୁରୋଧ କରାଯିବା ସହିତ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ସଂଘର ଏକ ପ୍ରତିନିଧି ଦଳ ସେମାନଙ୍କ ସହ ସାକ୍ଷାତ କରି ଆଲୋଚନା କରିବାପାଇଁ ବୈଠକରେ ନିଷ୍ପତି ନିଆଗଲା। ସମ୍ପାଦକ ପ୍ରବୋଧ କୁମାର ନାୟକ ଗତ ବୈଠକଗୁଡ଼ିକରେ ବିବରଣୀ ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କୋଷାଧ୍ୟକ୍ଷ ଗୋପୀନାଥ ସେଠୀ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସର୍ବଶ୍ରୀ ଉଦୟ ନାରାୟଣ ପରିଡ଼ା, ଗଦାଧର ରାଉତ, ଅକ୍ଷୟ କୁମାର ଦାସ, ଲକ୍ଷ୍ମୀନାରାୟଣ ପତି, ଅଜିତ କୁମାର ସାମନ୍ତ, ଅକ୍ଷୟ କୁମାର ମିଶ୍ର, ବୃନ୍ଦାବନ ମିଶ୍ର, ଶିଶିର କୁମାର ମହାପାତ୍ର, ଦିବାକର ମିଶ୍ର ଓ ମଧୁସୂଦନ ମହାନ୍ତି ପ୍ରମୁଖ ବୈଠକରେ ଯୋଗଦେଇ ମତାମତ ରଖିଥିଲେ। ଶେଷରେ କାର୍ଯ୍ୟକାରୀ କମିଟି ସଦସ୍ୟ ହୃଷିକେଶ ପତି ଧନ୍ୟବାଦ ଦେଇଥିଲେ।

## ବିଜୁ ଜନତା ଦଳ ପକ୍ଷରୁ ଗ୍ରାମାଚଂଳର ଖେଳାଳିଙ୍କୁ ଫୁଟବଲ ପ୍ରଦାନ

ଝୁମ୍ପୁରା (ପିଏନ୍): ଧିରେ ଧିରେ ହଜି ଯାଉଥିବା ଫୁଟବଲ ଖେଳକୁ ଉଜ୍ଜୀବିତ ରଖିବା ସହ ଗ୍ରାମଚଂଳର ଫୁଟବଲ ଖେଳାଳିମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରିବା ପାଇଁ ଖେଳାଳିମାନଙ୍କୁ ଫୁଟବଲ ଯୋଗାଇ ଦିଆଯାଇଛି। ଗ୍ରାମାଚଂଳର ଖେଳାଳିମାନଙ୍କ ମଧ୍ୟରେ ଫୁଟବଲ ଖେଳ ପ୍ରତି ଆଗ୍ରହ ବଢାଇବା ସହ ଉନ୍ନତଧରଣ ଖେଳ ପ୍ରଦର୍ଶନ କରିବା ନିମନ୍ତେ ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ଛୋଟ ପ୍ରୟାସ ଆରମ୍ଭ କରାଯାଇଛି। ଏହାକୁ ସାକାର କରିବା ପାଇଁ ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗତ ୨୫ ତାରିଖ ଦିନ ୪ ଗୋଟି ଗ୍ରାମପଚଂାୟତର ୨୯ଟି ଫୁଟବଲ ଟିମ୍‌କୁ ୨୯ ଗୋଟି ଫୁଟବଲ ଯୋଗାଇ ଦିଆଯାଇଛି। ଫଳରେ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଥମ ପର୍ଯ୍ୟାୟରେ ମୋଟ ୨୯ ଗୋଟି ଫୁଟବଲ ଟିମ୍ ମଧ୍ୟରୁ ନାରଦପୁର ପଚଂାୟତର ୭ ଗୋଟି ଫୁଟବଲ ଟିମ୍, ଗୁମୁରା ପଚଂାୟତର ୪ ଗୋଟି ଫୁଟବଲ ଟିମ୍, ନିଶ୍ଚିନ୍ତପୁର ପଚଂାୟତର ୯ ଗୋଟି ଟିମ୍ ଏବଂ ନହବେଡା ପଚଂାୟତର ୯ ଗୋଟି ଫୁଟବଲ ଟିମ୍‌କୁ ବିଜେଡି ତରଫରୁ ଫୁଟବଲ ଯୋଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ, ବସନ୍ତପୁର ପଚଂାୟତର ଯୁବନେତା ଅକ୍ଷୟ ମହାକୁଡ, ଜିଲ୍ଲା ସାଧାରଣ ସମ୍ପାଦକ ବିପିନି ବିହାରୀ ଆପଟ୍ଟ, ରାଧାଗୋବିନ୍ଦ ପଟ୍ଟନାୟକ, ଝୁମ୍ପୁରା ପଚଂାୟତ ବିଜେଡି ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ସହ ସମ୍ପୃକ୍ତ ପଚଂାୟତର ବିଜେଡି ସଭାପତି, ମହିଳା, ଯୁବ ଓ ଛାତ୍ର ସଭାପତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଫୁଟବଲ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୮ ଗୋଟି ପଚଂାୟତରେ ଥିବା ସମସ୍ତ ଫୁଟବଲ ଟିମ୍ କୁ ଫୁଟବଲ ଯୋଗାଇ ଦିଆଯିବା ନେଇ ଯୁବନେତା ଅକ୍ଷୟ ମହାକୁଡ ସୂଚନା ଦେଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଯିଏ ମୋ ଜୀବନକୁ ସର୍ବାଧିକ ପ୍ରଭାବିତ କରିଥିଲେ

ଜୀବନ ସର୍ବଦା ଅନିଶ୍ଚିତ ଏବଂ ଜନ୍ମ ଓ ମୃତ୍ୟୁର ରହସ୍ୟ ଆଜି ପର୍ଯ୍ୟନ୍ତ କେହି ଠିକ ଭାବେ ଉନ୍ମୋଚନ କରି ପାରିନାହାନ୍ତି । ପୁନର୍ଜନ୍ମ ଅଛିକି ନାହିଁ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ମାନେ ମଧ ଠିକ ଭାବେ କହି ପାରିନାହାନ୍ତି । ଜନ୍ମ ପୂର୍ବରୁ ଜଣେ ବ୍ୟକ୍ତିର ଅତୀତ କ'ଣ ଥିଲା ଏବଂ ମୃତ୍ୟୁ ପରେ କେଉଁ ରୂପ ନେବ ତାହା କେହି ଜାଣନ୍ତି ନାହିଁ ।ସବୁଠୁ ବଡ ପ୍ରଶ୍ନ ଯାହା ଆମ ମନକୁ ବିସ୍ମିତ କରେ: ମୃତ୍ୟୁ ଜୀବନଠାରୁ ବଡ ଏବଂ ଏହା ଜୀବନକୁ ସଂପୂର୍ଣ୍ଣ ଭାବରେ ବିନାଶ କରେ କି ? ମୃତ୍ୟୁକୁ ଅଣଦେଖା କରିବା ଅର୍ଥ ଅନେକ କ୍ଷତି ସହିବା ଏବଂ ପରୋକ୍ଷରେ ଅନ୍ୟର କ୍ଷତି କରିବା । ଅପରପକ୍ଷରେ ମୃତ୍ୟୁର ଭୟାବହତା , ମୃତ୍ୟୁ ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଯଦି ଜଣେ ବାରମ୍ବାର ଭାବିବ , ତେବେ ଜୀବନ ନର୍କ ପାଲଟିଯିବ ।ସେ କୌଣସି କାର୍ଯ୍ୟ ସୁଚାରୁଭାବେ କରିପାରିବ ନାହିଁ । ଜୀବନ ଲକ୍ଷ୍ୟହୀନ ହୋଇପଡିବ । ଜୀବନରେ କିଛି ହାସଲ କରିବାର ଉତ୍ସାହ ରହିବ ନାହିଁ ।ମୃତ୍ୟୁ ଧନୀ ଗରିବ କିଛି ମାନେନା । ମୃତ୍ୟୁ ନିକଟରେ ସମସ୍ତେ ସମାନ ଅଟନ୍ତି । ଧନ, ଧର୍ମ, ଜାତି, ଶ୍ରେଣୀ, ସ୍ଥିତି, ପଦବୀ ଇତ୍ୟାଦିକୁ ନେଇ ମଣିଷ ଗର୍ବ କରେ , ଦୁର୍ବଳ ଶ୍ରେଣୀକୁ ହେୟଜ୍ଞାନ କରେ । କିନ୍ତୁ ମୃତ୍ୟୁ ନିକଟରେ ସମସ୍ତେ ସମାନ ଓ ହାର ମାନନ୍ତି । ଜଣେ ଯେତେ ଧନୀ, ଶକ୍ତିଶାଳୀ ହୋଇଥାଉନା କାହିଁକି, ମୃତ୍ୟୁ ପରେ ତାର ସମାଧି ପାଇଁ ୬ ହାତ ଜମି ବା ପାର୍ଥିବ ଶରୀର ଦାହ ପାଇଁ କିଛି କାଠ ଦରକାର । ଉପରୋକ୍ତ କଥାର ସାରାଂଶ ହେଉଛି, ମୃତ୍ୟୁର ଶୀତଳ ସ୍ପର୍ଶ ଦିନେ ସମସ୍ତଙ୍କୁ ଛୁଇଁବ । କିନ୍ତୁ କେବେ ଛୁଇଁବ କେହି କହିପାରିବେ ନାହିଁ । ଏହା କେବଳ ସମୟର ବିଷୟ ଅଟେ । ଏଣୁ ଯେହେତୁ ମୃତ୍ୟୁର କରାଳ ସ୍ରୋତରେ ସମସ୍ତେ ବିଲୀନ ହୋଇଯିବେ, ତେଣୁ ମୃତ୍ୟୁକୁ ଡରିବା ଅନୁଚିତ କ୍ଷ କିନ୍ତୁ ଏହାକୁ ମଧ ସ୍ୱାଗତ କରିବା ଅନୁଚିତ । ଅନେକ ଜାଣିଶୁଣି ସ୍ୱାସ୍ଥ୍ୟକୁ ଅବହେଳାକରି ଭୁଲ କରିଥାନ୍ତି । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ହେୟଜ୍ଞାନ କରି କୁସଂସ୍କାରର ଶିକାର ହୋଇ କ୍ଷତିଗ୍ରସ୍ତ ହୋଇଥାନ୍ତି । କିନ୍ତୁ ଜୀବନର ସମସ୍ତ ସମୟ ଉପଭୋଗ ଏବଂ ମୃତ୍ୟୁକୁ ରୋକିବା ପାଇଁ ବିନିଯୋଗ କରିବା ଅନୁଚିତ । ଜୀବନର କିଛି ଅନ୍ୟ ଲକ୍ଷ୍ୟ ମଧ ରହିବା ଉଚିତ ।

କିନ୍ତୁ ଜଣକର ଅସମୟରେ ମୃତ୍ୟୁ ତାଙ୍କ ସମ୍ପର୍କୀୟ ପାଇଁ ଏକ ଦଣ୍ଡ ହୋଇଯାଏ । ଯେଉଁମାନେ ଜୀବିତ, ସେମାନେ ମୃତ ବ୍ୟକ୍ତିଙ୍କ ଅନୁପସ୍ଥିତି, ଅନୁଭବ କରନ୍ତି ଅନ୍ୟ ଅର୍ଥରେ, ସମସ୍ତେ ସମୟର ଯାତ୍ରାରେ ବିଲୀନ ହୋଇଯିବେ। ତେଣୁ ମୃତ୍ୟୁ କଦାପି ମୃତ୍ୟୁବରଣ କରିଥିବା ଲୋକ ପ୍ରତି ଦଣ୍ଡ ନୁହେଁ କି ଅଭିଶାପ ନୁହେଁ । ଏହି ଭୟାବହତା ଆମ ମନରେ ସୃଷ୍ଟି କରାଯାଇ ଆମକୁ ଶୋଷଣ କରାଯାଇଥାଏ । ଯଦି କହିଦେଲେ କିଛି ହେଉଥାନ୍ତା ତେବେ ରାଜନେତାଙ୍କୁ ପ୍ରତ୍ୟକଦିନ କୋଟି କୋଟି ଲୋକ ଗାଳିଦେଉଛନ୍ତି । ତାଙ୍କର କିଛି ହେଉନାହିଁ । ଏହାର ଅର୍ଥ ନୁହେଁ ଜଣେ ଜାଣିଶୁଣି ଭୁଲ କରିବ । ମଣିଷର ପ୍ରତ୍ୟକ କାର୍ଯ୍ୟ ବିବେକାନୁମୋଦିତ ହେବା ଉଚିତ । ଏହା ଲୋକଙ୍କ ହିତ ପାଇଁ ଉଦିଷ୍ଟ ହେବା ଉଚିତ । ସବୁଠାରୁ ବଡ କଥା ହେଲା ପ୍ରତ୍ୟକ କାର୍ଯ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିବା ଉଚିତ । ଜୀବନର ପ୍ରକୃତ ଆନନ୍ଦ ଅନ୍ୟର ଉପକାର କରିବାର ପ୍ରୟାସରୁ



ଆସିଥାଏ। ପୁନଶ୍ଚ ସତ୍ୟ ଉନ୍ମୋଚନ, ଜ୍ଞାନ ଆହରଣରୁ , ବିଶେଷକରି ନିଜ ବିଷୟରେ ଜ୍ଞାନ, ଜୀବନର ସତ୍ୟ ଏବଂ ପ୍ରକୃତିର ରୂପ ଅଧ୍ୟୟନରୁ ଆସିଥାଏ । ଜୀବନର ମୂଲ୍ୟ ବୃଦ୍ଧିପାଏ , ଯେତେବେଳେ ଏହା ଅନ୍ୟମାନଙ୍କ ସୁବିଧା ପାଇଁ ଉତ୍ସର୍ଗୀକୃତ ହୁଏ ଏବଂ ହିଂସା, ଦେ୍ୱଷ, ଈର୍ଷାରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟକରେ । ଜଣେ ସମାଜ ପାଇଁ ତ୍ୟାଗ କଲେ ତାହା ବେଶୀ ପ୍ରଶଂସନୀୟ । କିନ୍ତୁ ଜଣେ କିଛି ପରିବାର ପାଇଁ ତ୍ୟାଗ କଲେ ତାହା ମଧ ପ୍ରଶଂସାଯୋଗ୍ୟ । କାରଣ ଆଜି ସମାଜରେ ଅନେକ ଭୟଙ୍କର ସାମାଜିକ ସମସ୍ୟା ଦେଖାଦେଇଛି । ତାହାର କାରଣ ହେଲା ପରିବାରରେ ତ୍ୟାଗ ଏବଂ ବୁଝାମଣାର ଅଭାବ ରହିଛି । ସମସ୍ତେ ସମସ୍ତଙ୍କ ଦୋଷ ଧରୁଛନ୍ତି । ପ୍ରତ୍ୟକ କ୍ଷେତ୍ରରେ ଦବା ନବା ସବୁବେଳେ ଦେଖାଯାଉଛି । ଗୁରୁଜନମାନଙ୍କ ପ୍ରତି ଭକ୍ତି କମିଯାଉଛି । ତାହା ସତ୍ତ୍ୱେ କିଛି ଲୋକଙ୍କର ତ୍ୟାଗ ରହିଛି ।

କିନ୍ତୁ ଏଠାରେ ଆମେ ଯେଉଁ ବ୍ୟକ୍ତିଙ୍କ କଥା କହିବାକୁ ଯାଉଛୁ ସେ ହେଲେ ଗତ ସେପ୍ଟେମ୍ବର ୨୧



ଡ ସନ୍ତୋଷ କୁମାର ମହାପାତ୍ର

ତାରିଖରେ ଇହଲୀଳା ସମ୍ବରଣ କରିଥିବା କୈଳାଶ ଚନ୍ଦ୍ର ମହାପାତ୍ର, ଯାହାଙ୍କର ନିଜ ପରିବାରର ଭାଇ, ଭଉଣୀଙ୍କ ପ୍ରତି ଅନେକ ଅବଦାନ ରହିଛି । ସେ ମଧ ଏ ଲେଖକଙ୍କର ବଡ଼ଭାଇ । କୈଳାଶ ଚନ୍ଦ୍ର ମହାପାତ୍ର ୮ ଜୁଲାଇ ୧୯୫୦ ରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିତ୍ରୋତ୍ପଳା (Chitrotpala ) ନଦୀ କୂଳରେ ଥିବା ମାହାଙ୍ଗା / କୋଣିଦା ଗାଁର ମହାପାତ୍ର ସାହିରେ ଜନ୍ମଗ୍ରହଣ କରିଥିଲେ। ସେ ତାଙ୍କ ପିତାମାତା ସ୍ୱର୍ଗତ ଧ୍ରୁବ ଚରଣ ମହାପାତ୍ର ଏବଂ ଶୈଳବାଳା ମହାପାତ୍ରଙ୍କ ବଡ ପୁଅ ଥିଲେ। ତାଙ୍କର ଦୁଇ ଭାଇ ଏବଂ ଗୋଟିଏ ଭଉଣୀ ଥିଲେ। ଲେଖକ ସମସ୍ତ ଭାଇଭଉଣୀଙ୍କ ମଧ୍ୟରେ ସବା ସାନ ଥିଲେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ ଥିଲା ଯେ ସେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ, ଡ ସୀତାକାନ୍ତ ମହାପାତ୍ର ଏବଂ ରେଭେନ୍ସା କଲେଜ (ବର୍ତ୍ତମାନ ବିଶ୍ୱବିଦ୍ୟାଳୟ) ର ଅବସରପ୍ରାପ୍ତ ପ୍ରିନ୍ସପାଲ ଡ ଉମାକାନ୍ତ ମହାପାତ୍ରଙ୍କ ରକ୍ତ ସମ୍ପର୍କୀୟ ପୁତୁରା ଥିଲେ । ତାଙ୍କ ପିତା ଜଣେ ଶିକ୍ଷକ ଥିଲେ ଏବଂ ପରିବାର ସବୁ ପରିସ୍ଥିତିର ମୁକାବିଲା ପାଇଁ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ନଥିଲେ ତେଣୁ ତାଙ୍କୁ ସମଗ୍ର ପରିବାରର ଭାର ବହନ କରିବାକୁ ପଡିଥିଲା ଏବଂ ସାନ ଭଉଣୀ କିପରି ବିବାହ କରିବେ ଏବଂ ସାନ ଭାଇମାନେ କିପରି ପ୍ରତିଷ୍ଠିତ ହେବେ ତାହାକୁ ସେ ଗୁରୁତ୍ୱଦେଇଥିଲେ । ସେ ଏହାକୁ ସଫଳତାର ସହ କରିଥିଲେ ଏବଂ ଅନେକ କିଛି ବଳିଦାନ ଦେଇଥିଲେ ।

ରେଭେନ୍ସା କଲେଜରୁ ଗଣିତରେ ସ୍ନାତକୋତ୍ତର ପରେ ଚୌଦ୍ୱାରର ଟାଇଲ କାରଖାନାରେ ଜୁନିଅର ପ୍ରଶାସନିକ ଅଧିକାରୀ ଭାବରେ ଯୋଗ ଦେଇଥିଲେ । ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ କର୍ପୋରେସନ୍‌ର ଏହା ୟୁନିଟ ଥିଲା । ଏହା ବ୍ୟତିତ ସେ ହିରା କେବୁଲ୍ ୱାର୍କସ, ରି ରୋଲିଙ୍ଗ ମିଲ, ସୋନେପୁର ସ୍ପିନ୍ ମିଲ୍ସ ଏବଂ ଶେଷରେ ବରଗଡ ସିମେଣ୍ଟ କାରଖାନାରୁ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟକରି ପଦବୀରୁ ଅବସର ନେଇଥିଲେ । ଏହି ଲେଖକ ଅନୁଭବ କରନ୍ତି ଯେ ତାଙ୍କ ଜୀବନ ଉପରେ ତାଙ୍କ ଦୁଇ ବଡ଼ ଭାଇ ଓ ଭଉଣୀର ପ୍ରଭାବ ରହିଛି । କିନ୍ତୁ ବଡ ଭାଇ କୈଳାଶ ମହାପାତ୍ରଙ୍କର ବେଶୀ ରହିଥିଲା । ସେ ଲେଖକଙ୍କୁ ପିତା ଭାବରେ ମାର୍ଗଦର୍ଶନ ଏବଂ ପ୍ରେରଣା ଦେଇଛନ୍ତି । ଛାତ୍ର ଅବସ୍ଥାରେ ସିଭିଲ ସର୍ଭିସ ଭଳି ବଡ ଚାକିରି ଏହି ଲେଖକ ପାଆନ୍ତୁ ବୋଲି ସେ ଆଶା କରୁଥିଲେ ଏବଂ ପ୍ରେରଣା ଯୋଗାଉଥିଲେ କ୍ଷ କିନ୍ତୁ ଲେଖକ ଏକ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଯୋଗଦେବା ପରେ ଆଉ ଭଲ ଚାକିରୀ ପାଇଁ ଚେଷ୍ଟା ନକରିବା ତାଙ୍କୁ ନିରାଶ କରିଥିଲା । ଅବଶ୍ୟ, ଲେଖକ ଓଡିଶାର ଜଣେ ଅଗ୍ରଣୀ ଅର୍ଥନୀତିଜ୍ଞ ତଥା ସ୍ତମ୍ଭକାର ଭାବରେ ଉଭା ହୋଇ ତାଙ୍କର ଆଶା ପୂରଣ କରିଥିଲେ। ଲେଖକ ଅନୁଭବ କରିଛନ୍ତି ଯେ ତାଙ୍କୁ ଜୀବନରେ କିଛି ଅସାଧାରଣ ସଫଳତା ହାସଲ କରିବାପାଇଁ ତାଙ୍କ ବଡ଼ ଭାଇଙ୍କର ଯେଉଁ ପ୍ରବଳ ଇଚ୍ଛା ଥିଲା, ତାହା ତାଙ୍କୁ ସୃଜନଶୀଳ କାର୍ଯ୍ୟକଳାପରେ ପ୍ରତିଷ୍ଠିତ କରାଇବାରେ ପ୍ରେରଣା ଯୋଗାଇଥିଲା । କୈଳାଶ ମହାପାତ୍ର ମାନସିକ ସ୍ତରରେ ଅତ୍ୟନ୍ତ କଠିନ ଥିଲେ । କେତେକ କ୍ଷତ୍ରରେ ନିଜେ ଯାହା ଠିକ ବୁଝୁଥିଲେ ତାହା ସିଦ୍ଧାନ୍ତ ନେଉଥିଲେ । ମୃତ୍ୟୁର ଭୟ ତାଙ୍କୁ ସ୍ପର୍ଶ କରିପାରିନଥିଲା । ସେ କେବଳ ନିଜ ପିଲାମାନଙ୍କ ପାଇଁ ନୁହେଁ, ଅନ୍ୟ ପିଲାମାନଙ୍କୁ ପ୍ରତି ମଧ ସ୍ନେହ କରୁଥିଲେ ଏବଂ ସେମାନଙ୍କର ଭଲ ଗୁଣ ଏବଂ ସଫଳତା ପାଇଁ ଅନ୍ୟମାନଙ୍କୁ ପ୍ରଶଂସା କରୁଥିଲେ । ସେ ଜଣେ ଦୟାଳୁ,ସ୍ନେହୀ, ସହାନୁଭୂତିଶୀଳ, ଧର୍ମପରାୟଣ ତଥା ଆଧାତ୍ମିକ ବ୍ୟକ୍ତି ଥିଲେ ଏବଂ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଜଡିତ ଥିଲେ। ସେ ସାହସର ପ୍ରତୀକ ଥିଲେ । ଭୁବନେଶ୍ୱରର ଖାରବେଳ ପର୍ବକୁ ସଫଳତାର ସହ ଆୟୋଜନ କରିବାରେ ତାଙ୍କରପ୍ରମୁଖ ଭୂମିକା ଥିଲା । ଲେଖକ ତାଙ୍କର ଅବଦାନକୁ ଭୁଲି ପାରିବେ ନାହିଁ । ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ବ୍ୟତୀତ ଆଉ ତାଙ୍କ ପାଖରେ କିଛି ନାହିଁ ।

ଲେଖକ ହେଉଛନ୍ତି ବିଶିଷ୍ଟ ସ୍ତମ୍ଭକାର / ଅର୍ଥନୀତିଜ୍ଞ ତଥା ସାମାଜିକ ଚିନ୍ତକ।
ମୋ :୯୪୩୭୨୦୮୭୬୨

# ଗୋଟିଏ ଦିନରେ ୪୭୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୪୭୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୬୯୫୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୩ ହଜାର ୧୪୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୫୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୭ ଜଣଙ୍କ ମଧ୍ୟରୁ ୨୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୦୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୬୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୩ ଜଣ, ଯାଜପୁରରୁ ୧୬ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୭ ଜଣ ଚିହ୍ନଟ ହୋଇ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୦୦ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୬ ଜଣ, ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧୧, ସୋନପୁରରୁ ୨ , ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ରାଜନୈତିକ ଛତ୍ରଛାୟା ଯୋଗୁଁ ବଢିଛି ଡ୍ରଗ୍ସ କାରବାର : କଂଗ୍ରେସ

ଭୁବନେଶ୍ୱର:ଏହି କିଛି ବର୍ଷ ହେଲା ଦେଶରେ ଡ୍ରଗ୍ସ କାରବାରର ଅହେତୁକ ଅଭିବୃଦ୍ଧି ଘଟିଛି ଏବଂ ଏହା ଭାରତବର୍ଷର ଜାତୀୟ ସୁରକ୍ଷା ଓ ନିରାପତା ପ୍ରତି ଘୋର ବିପଦ ସୃଷ୍ଟି କରିଛି। ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ସାହାୟ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଜୁନ-୯, ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର (ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା) ହେରୋଇନ ଭାରତବର୍ଷକୁ ଆଫଗାନିସ୍ଥାନରୁ ଇରାନ ଦେଇ ଗୁଜୁରାଟର ଆଦାନୀ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ଆସିଥିଲା। ପୁନଶ୍ଚ ୧୩ ସେପ୍ଟେମ୍ବର ୨୦୨୧ ମସିହାରେ ୩ ହଜାର କିଲୋଗ୍ରାମର ହେରୋଇନ ସେହି ଆଦାନୀ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ଆସିଥିଲା। ଯାହାର ବଜାର ମୂଲ୍ୟ ୨୧ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏହି ସବୁ ହେରୋଇନକୁ ମେସର୍ସ ହାସାନ ହୁସେନ ଲିମିଟେଡ଼ ନାମକ ଆଫଗାନି ସ୍ଥାନର ଏକ ସଂସ୍ଥା ରପ୍ତାନୀ କରିଥିଲା ଏବଂ ଭାରତ ବର୍ଷର ଆସିଟ୍ରେଡିଂ କମ୍ପାନୀ ନାମକ ବିଜୟୱାଡା, ଆନ୍ଧ୍ରପ୍ରଦେଶର ଏହାକୁ ଆମଦାନୀ କରିଛନ୍ତି। ସବୁଠାରୁ ଅତି ଚିନ୍ତାଜନକ କଥା କେନ୍ଦ୍ର ସରକାରଙ୍କର ଡିଆରଆଇ ଯେଉଁ ଆସିଟ୍ରେଡିଂ କମ୍ପାନୀର ଦୁଇ ପ୍ରମୁଖ ବ୍ୟକ୍ତି ଯେଉଁମାନଙ୍କୁ ଗିରଫ କରିଛନ୍ତି ସେମାନେ ହେଉଛନ୍ତି ସୁଧାକର ମାଛଭାରମ ଏବଂ ତାଙ୍କର ପତ୍ନି ଶ୍ରୀମତୀ ଗୋବିନ୍ଦରାଜୁ ବୈଶାଳୀ ସେମାନେ ଗଣମାଧ୍ୟମ ଆଗରେ ଏବଂ ଡିଆରଆଇ ସମ୍ମୁଖରେ ମାତ୍ର ୪ଲକ୍ଷ ଟଙ୍କା ଏଥିରୁ ତାଙ୍କୁ ମିଳିଛି ବୋଲି ପ୍ରକାଶ କରିଛନ୍ତି। ତାଙ୍କ କମ୍ପାନୀ ଆସିଟ୍ରେଡିଂ ଏକ କମିଶନ ଏଜେଂଟ ବୋଲି ପ୍ରମାଣିତ ହୋଇସାରିଛି। କାହିଁକି ଜୁନ ୯ ତାରିଖରେ ଗୁଜୁରାଟର ଆଦାନୀ ମୁନ୍ଦ୍ରା ପୋର୍ଟରେ ପଂହଚିଥିବା ୨୫ ହଜାର କିଲୋଗ୍ରାମର ହେରୋଇନ ଧରାଗଲା ନାହିଁ ? ଏହା ଗଲା କୁଆଡ଼େ ? ନାରକୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି), ଡାଇରଟରେକ୍ଟ ଅଫ ରେଭେନ୍ୟୁ ଇଂଟେଲିଜେନ୍ସ (ଡିଆରଆଇ), ଏନଫୋ୍ରସମେଂଟ ଡିରୋକ୍ଟରେଟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏବଂ ଭାରତୀୟ ଇଂଟେଲିଜେନ୍ସ ବ୍ୟୁରୋ ଅନୁଷ୍ଠାନ ମାନ ଏ କ୍ଷେତ୍ରରେ ନିଷ୍କ୍ରିୟ କାହିଁକି ? ଏହି ଡ୍ରଗ୍ସ କାରବାର ସମସ୍ତ ଆଫଗାନିସ୍ଥାନର ତାଲିବାନ ବିଦ୍ରୋହୀ ମାନଙ୍କ ଦ୍ୱାରା ପରିଚାଳିତ ।କ'ଣ କେନ୍ଦ୍ର ସରକାର ଭାରତବର୍ଷର ଯୁବକମାନଙ୍କୁ ନିଶାଶକ୍ତ କରିବାର ମସୁଧା କରିଛନ୍ତି କି ? ବୋଲି କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦି, ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଉତର ମାଗିଛି ।ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତିଙ୍କ ସମେତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଆବାହକ ସତ୍ୟପ୍ରକାଶ ନାୟକ ଉପସ୍ଥିତ ଥିଲେ।




# ଝାଡଖଣ୍ଡ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ : ଓଡିଆ ଭାଷା ଓ ଓଡିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଓଡ଼ିଆ ଭାଷାର ସୁରକ୍ଷା ନେଇ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ ଜଗନମୋହନ ରେଡ୍ଡୀଙ୍କୁ ପୃଥକ ପୃଥକ ପତ୍ର ଲେଖିବା ସହ ଓଡିଆ ଭାଷା ଓ ଓଡିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିବାକୁ ଅନୁରୋଧ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ପତ୍ର ଲେଖି ଜାତୀୟ ଶିକ୍ଷା ନୀତି ୨୦୨୦ରେ ଥିବା ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ସହ ଝାଡଖଣ୍ଡରେ ଓଡ଼ିଆ ଭାଷାଭାଷୀ ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୧୧ ସେପ୍ଟେମ୍ବର ୧ରେ ଝାରଖଣ୍ଡ ସରକାର ଅନ୍ୟ ୫ଟି ଆଂଚଳିକ ଭାଷା ସହ ଓଡ଼ିଆ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେଇଥିଲେ। ଅନେକ ଗୁଡ଼ିକ ବିବାଦ ଯୋଗୁଁ ଏହି ଓଡ଼ିଆ ମାଧ୍ୟମ ସ୍କୁଲ ବନ୍ଦ ହେବାରେ ଲାଗିଛି। ଓଡ଼ିଆ ମାଧ୍ୟମ ସ୍କୁଲରେ ଶିକ୍ଷକମାନେ ଅବସର ନେବା ପରେ ରାଜ୍ୟ ଶିକ୍ଷା ବିଭାଗ ଓଡ଼ିଆ ମାଧ୍ୟମ ସ୍କୁଲ ଗୁଡ଼ିକରେ ହିନ୍ଦି ଭାଷାଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦେଉଅଛି । ଏନସିଇଆରଟି ସର୍କୁଲାର୍ ଫ୍ରେମ୍ ୱାର୍କ ଆଧାରରେ ଓଡ଼ିଆ ପୁସ୍ତକ ପ୍ରକାଶନ କରିବା ପାଇଁ ଝାଡଖଣ୍ଡ ରାଜ୍ୟ ପ୍ରାଧିକରଣକୁ ଏନସିଇଆରଟି କପି ରାଇଟ୍ ଦେଇଛି କିନ୍ତୁ ଏହା ଉପରେ ପଦକ୍ଷେପ ନିଆଯାଇନାହିଁ। ଓଡ଼ିଆ ଭାଷାଭାଷୀ ସମ୍ପ୍ରଦାୟ ବସବାସ କରୁଥିବା ଅଂଚଳ ଗୁଡ଼ିକରେ ଓଡ଼ିଆ ମାଧ୍ୟମିକ ସ୍କୁଲ ଗୁଡ଼ିକୁ ଝାଡଖଣ୍ଡ ରାଜ୍ୟ ଶିକ୍ଷା ବିଭାଗ ହିନ୍ଦି ମାଧ୍ୟମିକ ସ୍କୁଲକୁ ମିଶାଇ ଦେଉଛ। ୨୦୦୬-୦୭ ମସିହାରୁ ଝାରଖଣ୍ଡରେ ଓଡ଼ିଆ ଭାଷା କହୁଥିବା ଛାତ୍ରଛାତ୍ରୀଙ୍କୁ ସବୁ ବିଷୟରେ ପୁସ୍ତକ ପ୍ରଦାନ କରାଯାଉ ନାହିଁ। ଓଡ଼ିଶା ଭାଷାରେ ଗବେଷଣା ଏବଂ ଶିକ୍ଷାରେ ଅଧ୍ୟୟନ କରୁଥିବା ଲିଙ୍ଗୁଇଷ୍ଟିକ୍ ମାଇନୋରିଟି ସ୍କଲାରଙ୍କ ପାଇଁ ବୃତିକୁ ବନ୍ଦ କରି ଦିଆଯାଇଛି ।ନୂତନ ଶିକ୍ଷା ନୀତି - ୨୦୨୦ରେ ଥିବା ମୂଲ୍ୟବୋଧ ଏବଂ ଝାଡଖଣ୍ଡରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରେ ବ୍ୟକ୍ତିଗତ ହସ୍ତକ୍ଷେପ କରି ଝାଡଖଣ୍ଡରେ ବସବାସ କରୁଥିବା ଓଡ଼ିଆ ଭାଷା କହୁଥିବା ଜନସଂଖ୍ୟାକୁ ଓଡ଼ିଆ ଭାଷାରେ ଶିକ୍ଷା ପ୍ରଦାନ କରିବା ଓ ସହଜ କରିବା ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି ।ସେହିପରି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ ଜଗନମୋହନ ରେଡ୍ଡୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ନିର୍ଦ୍ଧାରଣ ପରେ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତୀ କେତେକ ବିଦ୍ୟାଳୟ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ଏବଂ ଓଡିଶାର ବିଦ୍ୟାଳୟ ବ୍ୟବସ୍ଥାରେ ମିଶି ଯାଇଛନ୍ତି। ଫଳସ୍ୱରୂପ, ଦୁଇ ରାଜ୍ୟର ବିଦ୍ୟାଳୟରେ ଅନେକ ଓଡ଼ିଆ ଏବଂ ତେଲୁଗୁ ଭାଷାଭାଷୀ ପିଲା ସଂଖ୍ୟାଲଘୁ ଗୋଷ୍ଠୀରେ ପରିଣତ ହୋଇଛନ୍ତି । ଓଡ଼ିଆ ଶିଖିବାକୁ ଇଚ୍ଛା କରୁଥିବା ବିଶାଖାପାଟନମ୍ ଏବଂ ଶ୍ରୀକାକୁଲମ୍ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହଯୋଗ ଦିଆଯାଉ ନାହିଁ। କିନ୍ତୁ ଓଡିଶାରେ ତେଲୁଗୁ ଭାଷା ଶିଖିବାକୁ ଛାତ୍ରଛାତ୍ରୀଙ୍କୁ ସହଯୋଗ ଦିଆଯିବା ସହ ଶିକ୍ଷକ ନିଯୁକ୍ତ କରାଯାଉଛି । ଆନ୍ଧ୍ରପ୍ରଦେଶ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ମାଧ୍ୟମିକ ପୁସ୍ତକ ପ୍ରଦାନ କରାଯାଇନାହିଁ। ଓଡ଼ିଆ ଭାଷାଭାଷୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ପ୍ରଥମତଃ ଆନ୍ଧ୍ର ସୀମାବର୍ତୀ ଥିବା ସ୍କୁଲ ଗୁଡ଼ିକରେ ଓଡ଼ିଆ ଭାଷାର ପ୍ରୋତ୍ସାହନ, ଦ୍ୱିତୀୟତଃ ସୀମାରେ ଥିବା ସ୍କୁଲ ଗୁଡ଼ିକରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଏବଂ ଆନ୍ଧ୍ର ପ୍ରଦେଶରେ ଓଡ଼ିଆ ମାଧ୍ୟମିକ ଶିକ୍ଷା ଆପଣାଇଥିବା ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସମୟରେ ଓଡ଼ିଆ ପୁସ୍ତକ ପ୍ରଦାନ କରିବା ପାଇଁ ସେ ତିନୋଟି ପରାମର୍ଶ ଦେଇଛନ୍ତି ।କେନ୍ଦ୍ର ସରକାର ଏବଂ ମନ୍ତ୍ରଣାଳୟ ବିବାଦକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ସେ ନିଜେ ବ୍ୟକ୍ତିଗତ ସ୍ତରରେ ବିବାଦ ଗୁଡ଼ିକର ଆପୋସ ସମାଧାନ ପାଇଁ ସାହାଯ୍ୟ କରିବା ପାଇଁ ପତ୍ରରେ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶା, ଆନ୍ଧ୍ର ସୀମାରେ ଥିବା ଗାଁର ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରେ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରନ୍ତୁ ଏବଂ ତ୍ୱରିତ ପଦକ୍ଷେପ ନେଇ ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

# ପରଲୋକରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରାଜକିଶୋର ମିଶ୍ର

ଭୁବନେଶ୍ୱର: ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରାଜକିଶୋର ମିଶ୍ରଙ୍କ ପରଲୋକ ହୋଇଛି। ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ଶୁକ୍ରବାର ସକାଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପୁଅ, ବୋହୂ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ତାଙ୍କ ବାସଭବନକୁ ଯାଇ ତାଙ୍କର ଅନ୍ତିମ ଦର୍ଶନ କରିଛନ୍ତି ।ବିଶିଷ୍ଟ ସାହିତ୍ୟିକ ରାଜକିଶୋର ମିଶ୍ରଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday October 02, 2021 | ଭୁବନେଶ୍ୱର ଶନିବାର, ଅକ୍ଟୋବର ୦୨,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ନୂତନ ସଦସ୍ୟତା ଗ୍ରହଣ କରିବା ନିଷ୍ପତ୍ତିକୁ ସମର୍ଥନ ଜଣାଇ ତିନି ପଞ୍ଚାୟତବାସୀ ଓଏମ୍‌ସି ଆଞ୍ଚଳିକ ପ୍ରବନ୍ଧକଙ୍କୁ ଦାବୀପତ୍ର ଦେଲେ



କେନ୍ଦୁଝର: ବାଂଶପାଳ ବ୍ଲକର କୁମୁଣ୍ଡି,ଶୁଆକାଟୀ ଓ ତଳକଇଁସାରୀ ପଞ୍ଚାୟତର ୯ଟି ଗ୍ରାମର ଲୋକମାନେ ସ୍ଥାନୀୟ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିଃ କୁ ସମର୍ଥନ କରି ଶୁଆକାଟୀସ୍ଥିତ ଓଏମସି କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ସଂଖ୍ୟାରେ ସମବେତ ହୋଇ ଲିଖିତ ସମର୍ଥନ ଜଣାଇ ଓଏମସି ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପ୍ରବନ୍ଧକ ଅନୁରାଗ ଓଝାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଦାବୀପତ୍ର ପ୍ରଦାନ ସମୟରେ ଓଏମସି ଖଣି ପରିଚାଳକ ଜ୍ଞାନରଂଜନ ଜେନା, ବାଂଶପାଳ ତହସିଲଦାର ସପନ କୁମାର ସାହୁ,ସଦର ଥାନା ଆଇଆଇସି ଜୟନାରାୟଣ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏଜେନ୍ସି ଖଣି ପ୍ରଭାବିତ ତଳଜାଗର, ଉପରଜାଗର, ଉରୁମୁଣ୍ଡା, ଦଅଁଳା, ଶୁଆକାଟୀ,ଉପର କଇଁସାରୀ, ନୀତିଗୋଠ,ଇଚିଣ୍ଡା ଓ ତଳ କଇଁସାରୀ ଗ୍ରାମର ଲୋକଙ୍କ ସହ ଏଜେନ୍ସି ର କର୍ମକର୍ତ୍ତା ଆଲୋଚନା କରି କୋଭିଡ ସମୟରେ ସହାୟତା ପ୍ରଦାନ କରି ଆସୁଛନ୍ତି। ସୋସାଇଟିର ଲାଭାଂଶ ଉପରୋକ୍ତ ଗ୍ରାମର ପ୍ରତ୍ୟେକ ପରିବାର ର ଜଣଙ୍କୁ ଲେଖାଁଏ ସଦସ୍ୟ କରାଯିବା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ବୋଲି ଆଞ୍ଚଳିକ ପ୍ରବନ୍ଧକଙ୍କୁ ଅବଗତ କରିଥିଲେ। ଉକ୍ତ ଏଜେନ୍ସି ଦ୍ୱାରା ସେମାନେ ଲାଭବାନ ହେବା ସହ ଅଞ୍ଚଳର ବିକାଶ କାମ ହେଉଥିବା ଜଣାଇଛନ୍ତି। ଏହାଦ୍ୱାରା ନୂତନ ସଦସ୍ୟ ଏବଂ ତାଙ୍କ ପରିବାର ଲାଭାଂଶ ର ସେୟାର ପାଇପାରିବେ। ଲୋଡିଂ ଏଜେନ୍ସିର ୨୪/୦୯/୨୦୨୧ରେ ସାଧାରଣ ପରିଷଦ ବୈଠକ ପରେ ନୂତନ ସଦସ୍ୟ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଏଜେନ୍ସିରେ ସଦସ୍ୟତା ପାଇଁ ଏହି ପ୍ରକ୍ରିୟା ଚାଲୁ ରହିବ। ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀ ସହଯୋଗରେ ୨୧୬୬ ପରିବାର ର ନୂତନ ସଦସ୍ୟ ନିଆଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଞ୍ଚ ଚାଲିଥିବା ସେମାନେ କହିଛନ୍ତି। ଏଜେନ୍ସିର ଏହି ନିଷ୍ପତ୍ତି ପରେ ଖଣି ପ୍ରଭାବିତ ଗାଁର ଲୋକ ଉପକୃତ ହେବେ। ସମସ୍ତ ସଦସ୍ୟଙ୍କୁ ଲାଭାଂଶ ସେମାନଙ୍କ ବ୍ୟାଙ୍କ ଆକଉଣ୍ଟକୁ ଟ୍ରାନ୍ସଫର କରାଯିବ। ଏଣୁ ଉକ୍ତ ଲୋଡିଂ ଏଜେନ୍ସି ର ଏହି ଐତିହାସିକ ନିଷ୍ପତ୍ତିକୁ ସମର୍ଥନ ଜଣାଇ ସେମାନେ ସହଯୋଗ କରି ଓଏମ୍‌ସି କୁ ସେମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ଜଣାଇଛନ୍ତି। ଏହା ପରେ ଲୋଡିଂ ଏଜେନ୍ସି କାର୍ଯ୍ୟାଳୟ ପରିସରରେ ସୁଶାନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଞ୍ଚଳର ବିକାଶ ଏବଂ ଲୋକଙ୍କ ସହଭାଗିତା ଉପରେ ଲୋକମାନେ ମତବ୍ୟକ୍ତ କରିଥିଲେ। ଏହି ସମାବେଶରେ କୁମୁଣ୍ଡି ସରପଞ୍ଚ ସୁକାନ୍ତି ଦେହୁରୀ,ଇଚିଣ୍ଡା ସରପଞ୍ଚ ଚୈତନ୍ୟ ମଲ୍ଲିକ,ଭୁବନେଶ୍ୱର ଦାସ,ଅଖିଳ ବାରିକ,ସୁରେଶ ଚନ୍ଦ୍ର ପାତ୍ର,ମାନସ କୁମାର ବାରିକ,ଅରୁଣ କୁମାର ବାରିକ,ଭୂୟାଁ ସର୍ଦ୍ଦାର କୁ ବିହାରୀ ଦେହୁରୀ,ଭୀମସେନ ପୁହାଣ,ବୈକୁଣ୍ଠ ବେହେରା,ବାସନ୍ତୀ ବେହେରା,ମନୁ ପ୍ରଧାନ,ଚନ୍ଦ୍ର ଶେଖର ବାରିକ,ଉମାକାନ୍ତ ବିନ୍ଧାଣୀ , ଉତ୍ତମ କୁମାର ବାରିକ, ମହେଶ୍ୱର ମହାକୁଡ,ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶୁଆକାଟୀ ପରିସରରେ ଥିବା ୯ଟି କ୍ଲବର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ତେବେ ଖଣି ପ୍ରଭାବିତ ବାହାର ଅଞ୍ଚଳର କିଛି ଲୋକ ବାରମ୍ବାର ସଦସ୍ୟତା ଦାବୀ କରି ଗଣ୍ଡଗୋଳ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏଦିଗରେ ପ୍ରସାଶନ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ।

## ଦୀର୍ଘ ଦିନର ପ୍ରତୀକ୍ଷା ପରେ ବଳରାମପୁର ସମବାୟ ସମିତିର ଗ୍ରାହକ ସେବା ଆରମ୍ଭ

ଘଷିପୁରା: ଘଷିପୁରା ବ୍ଲକ ବଳରାମପୁର ସେବା ସମବାୟ ସମିତିର ପିକୃତ ସଭ୍ୟ ମାନଙ୍କୁ ଚଳିତ ଖରିଫ୍ ଋତୁରେ ଧାନ ଫସଲ ପାଇଁ ଋଣ ଲଗାଣ ସମେତ ଆବଶ୍ୟକୀୟ ରାସାୟନିକ ସାର ଯୋଗାଇ ଦେଉଛି । ସମିତିରେ ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କ ନାମ ପିକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରି ପ୍ରଶଂସନୀୟ ହୋଇପାରିଛି । ସୂଚନାଯୋଗ୍ୟ ଯେ ବଳରାମପୁର ସମବାୟ ସମିତି ଦୀର୍ଘଦିନ ଧରି ସମବାୟ ବିଭାଗ ଦ୍ୱାରା ଲିକୁଡେଟ୍ କରାଯାଇଥିଲା । ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର,କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ସଭାପତି କାନନବିହାରୀ ପହି ଏବଂ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ଡାଇରେକ୍ଟର ଦେବପ୍ରିୟ ପାତ୍ରଙ୍କ ହସ୍ତକ୍ଷେପ ଫଳରେ ଗତ ଜୁନ୍ ୨୦୨୦ ମସିହାରେ କାର୍ଯ୍ୟକ୍ଷମ କରିଥିଲେ । ସମବାୟ ବ୍ୟାଙ୍କ ଘଷିପୁରା ଶାଖା ସୁପରଭାଇଜର ସୁଶାନ୍ତ କୁମାର ରଣଙ୍କୁ ସମ୍ପାଦକ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା ।

## ବରିଷ୍ଠ ନାଗରିକ ଦିବସ ପାଳିତ




ଖଣ୍ଡପଡା: ଖଣ୍ଡପଡା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଶୁକ୍ରବାର ଅପରାହ୍ଣରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡା ବରିଷ୍ଠ ଦେୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ବିଭୂଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ୫୦ରୁ ଉର୍ଦ୍ଧ ସଦସ୍ୟ ଯୋଗଦେଇଥିଲେ । ବରିଷ୍ଠ ନାଗରିକ ମାନଙ୍କର ସୁବିଧା, ଅସୁବିଧା ସଂପର୍କରେ ବରିଷ୍ଠ ନାଗରିକ ମଂଚର ସଭାପତି ଅଖିଳ କୁମାର ମହାରଣା, ପ୍ରଭାକର ଶିରୋମଣି, ମୁରଲୀଧର ସ୍ୱାଇଁ, ଆଇନଜୀବି ସୁରେନ୍ଦ୍ରନାଥ ସାହୁ, ଉଜ୍ଜ୍ୱଳ ମହାରଣା ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ ମତ ଦେଇଥିଲେ । ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଆଇନ ସଂପର୍କରେ ବରିଷ୍ଠ ଆଇନଜୀବି ଗିରିଜା ଶଂକର ତରାସିଆ, ବାସୁଦେବ ରଥ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ହିତ ଉଦ୍ଦେଶ୍ୟରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର, ବିଡିଓ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନେ ଯୋଗ ନଦେଇ ଅନୁପସ୍ଥିତ ରହିଥିବାକୁ ନେଇ ସହକାରୀ ଦୌରାଜଜ୍ ଶ୍ରୀ ନାୟକ କ୍ଷୋଭ ପ୍ରକାଶ କରିଥିଲେ । ଖଣ୍ଡପଡା ସହରାଂଚଳରୁ ବରିଷ୍ଠ ନାଗରିକ ଓ ଗଣମାଧ୍ୟମର ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ରୁଙ୍ଗଟା ଓରାଘାଟ ଲୌହଖଣିକୁ ମିଳିଲା ଫିମି ପୁରସ୍କାର

ଯୋଡା: ରୁଙ୍ଗଟା ସନ୍ସ ଆଣ୍ଡ ପ୍ରାଇଭେଟ ଲିମିଟେଡ ଅଧୀନ ରୁଙ୍ଗଟା ଓରାଘାଟ ଲୌହଖଣିକୁ ଫେଡରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ (ଫିମି) ପକ୍ଷରୁ ୨୦୨୧ ଏନଏମଡିସି ସାମାଜିକ ଦାୟିତ୍ୱବୋଧ ପୁରସ୍କାର ପ୍ରଦାନ କରାଯାଇଥିବା ଖବର ହସ୍ତଗତ ହୋଇଛି । ଦତ ୨୯ ତାରିଖ ଦିନ ନୂଆଦିଲ୍ଲୀ ସ୍ଥିତ ଫିମି ହାଉସ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୁଙ୍ଗଟା କମ୍ପାନୀର କର୍ପୋରେଟ ଆଫେୟାର୍ସ ଡିଜିଏମ ପ୍ରସନ୍ନ କେ ସାମଲ ଏହି ପୁରସ୍କାର ଗ୍ରହଣ କରିଥିଲେ । ଓରାଘାଟ ଲୌହଖଣି ସାମାଜିକ କଲ୍ୟାଣ,ସାଧାରଣ ଉନ୍ନତି ଓ ଆଖପାଖ ଅଞ୍ଚଳର ସମ୍ପ୍ରଦାୟର ଉନ୍ନତି ଓ ସୁସ୍ଥତା କ୍ଷେତ୍ରରେ ପ୍ରୟାଶ କରିଥିବା ନିମନ୍ତେ ଫିମି ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ଗ୍ରହଣ ଅବସରରେ କୋଇଲା ମନ୍ତ୍ରଣାଳୟ ସଚିବ ଉପେନ୍ଦ୍ର ସିଂ ଯୋଶୀ,ଫେଡରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ ଉପସଭାପତି ଆର.ଏଲ.ମହାନ୍ତି,ଫିମି ସାଧାରଣ ସମ୍ପାଦକ ଆର.କେ.ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କମ୍ପାନୀର ଭିପି ରାମୁ ଅଗ୍ରୱାଲଙ୍କ ନାମରେ କୃତଜ୍ଞତା ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା ।

## ଜାତୀୟ ରକ୍ତଦାନ ଦିବସରେ ୩ୟୁନିଟ୍ ରକ୍ତ ଦେଲେ ସମାଜସେବୀ ସଂଗଠନ

ଆନନ୍ଦପୁର: ଆଜି ଜାତୀୟ ରକ୍ତଦାନ ଦିବସ ଉପଲକ୍ଷେ ଆନନ୍ଦପୁର ମେଡିକାଲ ରକ୍ତଭଣ୍ଡାରକୁ ଯାଇ ସ୍ୱେଚ୍ଛାକୃତ ଭାବେ ୪ଜଣ ରୋଗୀଙ୍କୁ ମା'ମଙ୍ଗଳା ସେବା ସଂଗଠନ ପକ୍ଷରୁ ରକ୍ତଦାନ କରାଯାଇଛି । ସଂଗଠନର ସଦସ୍ୟ ଜଗନ୍ନାଥ ଓଝା, ବାପୁନ ସାହୁ, ବିଜୟ କୁମାର ବାଇ ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ପିଙ୍କି ବାଇ (୦-)ରକ୍ତଦାନ କରି ସ୍ୱେଚ୍ଛାସେବୀ ଭାଇ ଓ ଭଉଣୀ ମାନଙ୍କୁ ଜାତୀୟ ରକ୍ତଦାନ ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଆଜିର ଦିନରେ ପ୍ରତ୍ୟେକ ରକ୍ତଦାତା ଜଣେ ଜଣେ ଜୀବନଦାତା ଏବଂ ଆସନ୍ତୁ ସମସ୍ତେ ସଚେତନ ହେବା ଏବଂ ରକ୍ତଦାନର ମହତ୍ୱକୁ ବୁଝି ଜରୁରୀ ସମୟରେ ରକ୍ତଦାନ କରିବା । ରକ୍ତ ଅଭାବରୁ ନଯାଉ କାହା ଜୀବନ ବୋଲି ସମସ୍ତେ ପ୍ରତିଶ୍ରୁତି ନେଇଛନ୍ତି। ଏଥିରେ ମନୋଜ ବାରିକ, ବାପୁନ ସାଉ, ପପୁନ ସାହୁ, ହିମାଂଶୁ ଶେଖର ସା, ବୁଲୁ ଖିଲାର, ସୁମନ୍ତ ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଟ୍ରକ ମାଲିକଙ୍କ ଧାରଣା ଚତୁର୍ଥ ଦିନରେ, ପହଞ୍ଚି ନାହାନ୍ତି ପ୍ରଶାସନୀକ ଅଧିକାରୀ କି ସ୍ଥାନୀୟ ନେତା

ଯୋଡା: ୪ଦଫା ଦାବି ନେଇ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ) ପକ୍ଷରୁ ଜଜାଙ୍ଗ ଖଣି ସମ୍ମୁଖରେ ଦିଆଯାଇଥିବା ଧାରଣା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଥିବା ବେଳେ ଏପର୍ଯ୍ୟନ୍ତ ଖଣି କର୍ତ୍ତୃପକ୍ଷ, ପ୍ରଶାସନୀକ ଅଧିକାରୀ କିମ୍ବା ସ୍ଥାନୀୟ ନେତାଙ୍କ ଦେଖାମିଳିନାହିଁ । ଏଣେ ଟ୍ରକ ମାଲିକମାନେ ଅଖିଆ ଅପିଆ ଧାରଣାରେ ବସି ରହିଥିବା ବେଳେ ତାଙ୍କ ଦାବି ଗୁଡିକୁ ପ୍ରଶାସନ ମାନିନନେଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ଟ୍ରକ ମାଲିକ ଏବଂ ତାଙ୍କ ପରିଜନ ଦୃଢୋକ୍ତି ପ୍ରଦାନ କରିଛନ୍ତି । ଟ୍ରକ ମାଲିକ ଏବଂ ସେମାନଙ୍କ ପରିଜନ ମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିରହିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କ ପରିବହନ କାର୍ଯ୍ୟ ପୂର୍ବବତଃ ଚାଲୁ ରଖିଛନ୍ତି । ତେବେ ସେମାନଙ୍କ ଦାବି ଗୁଡିକୁ ବିଚାରକୁ ନନେଇ ପ୍ରଶାସନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ୧୦ଜଣ ଟ୍ରକ ମାଲିକମାନଙ୍କ ଉପରେ ୧୦୭ଦଫାରେ ମାମଲା ରଜୁ କରାଯାଇଛି । ଆଗାମୀ ଦିନରେ ସେମାନଙ୍କ ଦାବି ଗୁଡିକ ପୁରଣ ନହେଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ଏହି ଖଣିରୁ ପରିବହନକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ଟ୍ରକ ମାଲିକମାନେ ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ, ଯୋଡା ଖଣି କ୍ଷେତ୍ର ଅନ୍ତର୍ଗତ ଜେଏସ୍‌ଡବ୍ଲୁଙ୍କ ଜଜାଙ୍ଗ ଲୌହ ଖଣିରେ ପୂର୍ବ ସୂଚନା ନଥାଇ ଅଚାନକ ଭାବେ ପରିବହନ ଦର ଟନ୍ ପ୍ରତି ୬୩ ଟଙ୍କା ହ୍ରାସ କରିଦିଆଯିବା ଫଳକେ ଟ୍ରକ ମାଲିକମାନେ ଅନେକ କ୍ଷତିର ସମ୍ମୁଖିନ ହୋଇପଡିଛନ୍ତି । ଏହାକୁ ନେଇ ଗତ ୧୯ ତାରିଖ ଦିନ ଟ୍ରକ ମାଲିକ ଏବଂ ସେମାନଙ୍କ ପରିଜନ ଖଣି ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ସେମାନଙ୍କୁ ଏହି ଖଣିରୁ ଲୁହାପଥର ପରିବହନ ଠିକା ନେଇଥିବା ଜଳହରି ଟ୍ରାନ୍ସପୋର୍ଟ ଏବଂ ମା ଲଜିଷ୍ଟିକ୍ ପରିବହନ ସଂସ୍ଥା କେତେକ ଗୁଣ୍ଡା ଲଗାଇ ଆନ୍ଦୋଳନକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ ଉଭୟଙ୍କ ପକ୍ଷରୁ ପୃଥକ ଭାବେ ମାମଲା ଦାୟର କରାଯାଇଥିବା ବେଳେ ଆରକ୍ଷୀ ଆକ୍ରମଣକାରୀଙ୍କୁ ଗିରଫ କରିନଥିବା ଅଭିଯୋଗ ହୋଇଛି । ଜଳହରି ଟ୍ରାନ୍ସପୋର୍ଟ ଏବଂ ମା ଲଜିଷ୍ଟିକ୍ ଚମ୍ପୁଆ ବିଧାୟିକ ମିନାକ୍ଷୀ ମହାନ୍ତଙ୍କ ସ୍ୱାମୀ ଭକ୍ତବନ୍ଧୁଙ୍କ ଅକ୍ତିଆରରେ ଥିବା ବେଳେ ତାଙ୍କ ଇଙ୍ଗିତରେ, ପ୍ରଶାସନକୁ ହାତବାରିଶି କରି ଏହି ଆକ୍ରମଣ ହୋଇଥିବା ଅଭିଯୋଗ କରି ବିଧାୟୀକାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ବଡବିଲ ଏସଡିପିଓଙ୍କ ବଦଳି ଦାବି କରିଛନ୍ତି । ଏହି ୪ଦଫା ଦାବି ନେଇ ଗତ ୨୩ ତାରିଖ ଦିନ ହଜାର ହଜାର ସଂଖ୍ୟାରେ ଟ୍ରକ ମାଲିକ ଏବଂ ତାଙ୍କ ପରିଜନମାନେ ଏକ ଶୋଭାଯାତ୍ରା କରିବା ସହ ବିଧାୟିକା ଶ୍ରୀମତୀ ମହାନ୍ତଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଶ୍ରୀମତୀ ମହାନ୍ତ ଦିନକୁ ଦିନ ବିବାଦିୟ ହୋଇପଡିଥିବା ବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ବେଜେଡିର ସ୍ଥିତି ବିଗିଡିବାରେ ଲାଗିଛି ।




## ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ୨୦୨୧




ଭୁବନେଶ୍ୱର : ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ୨୦୨୧ ଅବସରରେ, ହେଲ୍ପଏଜ ଇଣ୍ଡିଆ ତଥା ଏମ୍ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ଡିପାର୍ଟମେଣ୍ଟର ସହଯୋଗରେ "ବରିଷ୍ଠ ନାଗରିକଙ୍କ ନିମନ୍ତେ ପୁନଃନିର୍ମାଣର ଆବଶ୍ୟକତା- ସ୍ୱାସ୍ଥ୍ୟ, ଆୟ ଏବଂ ସମ୍ମାନ" ଶୀର୍ଷକ ୱେବିନାର ଅନିଷ୍ଠିତ ହୋଇଯାଇଛି ହ୍ଧ ହେଲ୍ପଏଜ ଇଣ୍ଡିଆ, ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର ସମସ୍ତ ପ୍ୟାନେଲିଷ୍ଟ ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ବରିଷ୍ଠ ନାଗରିକଙ୍କ ଉନ୍ନତି ପାଇଁ ବ୍ୟବସ୍ଥାଗତ ପରିବର୍ତ୍ତନ ସୁନିଶ୍ଚିତ କରିବାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ୍ ଇକ୍ୱିଟି ବିଷୟରେ କହିଥିଲେ। ପ୍ରଫେସର ଗୀତାଞ୍ଜଳି ବ୍ୟାଟମାନାବାନେ, ନିର୍ଦ୍ଦେଶକ, ଏମ୍ସ ଭୁବନେଶ୍ୱର ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ ପ୍ରଫେସର ଡା ସୋନୁ ଏଚ୍ ସୁବା - ବିଭାଗୀୟ ମୁଖ୍ୟ - କମ୍ୟୁନିଟି ମେଡ଼ିସିନ ବିଭାଗ, ଏମ୍ସ ଭୁବନେଶ୍ୱର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ବାବଦରେ ଆଲୋଚନା କରିଥିଲେ ପ୍ୟାନେଲିଷ୍ଟ ଡ଼: ସ୍ୱୟଂପ୍ରଜ୍ଞା ପରିଡା- ଅତିରିକ୍ତ ପ୍ରଫେସର, ଏମ୍ସ ଭୁବନେଶ୍ୱର, ଡକ୍ଟର ନିରଂଜନ ମିଶ୍ର-ନିର୍ଦ୍ଦେଶକ- ଜନସ୍ୱାସ୍ଥ୍ୟ ବିଭାଗ, ଶ୍ରୀମତୀ ବ୍ରତତି ହରିଚ଼ନ୍ଦନ, ନିର୍ଦ୍ଦେଶକ- ସାମାଜିକ ସୁରକ୍ଷା ବିଭାଗ, ଶ୍ରୀ ଜିତେନ୍ଦ୍ର ନାୟକ- ଡେପୁଟି ନିଉଜ ଏଡିଟର - ଧରିତ୍ରୀ ଖବରକାଗଜ ଆଦି ଓଡିଶାର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ଆୟ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ସମ୍ମାନର ସହ ଜୀବନ ସୁନିଶ୍ଚିତ କରିବାରେ ବିଭିନ୍ନ କର୍ତ୍ତବ୍ୟଅଧିକାରୀଙ୍କ ଭୂମିକା, ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ଆଦି ଉପରେ ଆଲୋକପାତ କରିଥିଲେ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray